## ଅଙ୍ଗନୱାଡି କେନ୍ଦ୍ର ଉଦ୍‌ଘାଟିତ

ବଲାଙ୍ଗୀର ଅଫିସ: ବଲାଙ୍ଗୀର ମ୍ୟୁନିସିପାଲିଟି ଅନ୍ତର୍ଗତ କନ୍ଧପାଲିପଡା ଠାରେ ନବନିର୍ମିତ ଅଙ୍ଗନୱାଡି କେନ୍ଦ୍ରକୁ ମୁଖ୍ୟଅତିଥି ଭାବେ ଯୋଗଦେଇ ପୌରାଧକ୍ଷା ଲିକା ସାହୁ ଉଦ୍‌ଘାଟନ କରିଛନ୍ତି। ୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଏହି ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଡିଏସଡବ୍ଲୁଓ ସନ୍ତଲାଲ ଦୀପ, ମଞ୍ଜୁଳା ମିଶ୍ର, ସିଡିପିଓ ସଲୋମନୀ ସୋରେନ୍, ଶୁଭଶ୍ରୀ ପାଢ଼ୀ, ଗାୟତ୍ରୀ ବାରିକ, କାଉନସିଲର ସରିତା ଦାସ, ହରିଶଙ୍କର ସାଏ, ରତ୍ନାକର କୁଦେଇ, ଅଙ୍ଗନୱାଡି କର୍ମୀ ସୁଜାତାରାଣୀ ଭୋଇ, ସହାୟିକା ସନ୍ଧ୍ୟାରାଣୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସ୍ନିଗ୍ଧାରାଣୀ ନନ୍ଦ ଓ ମୌନାବତୀ ପ୍ରଧାନ ପରିଚାଳନା କରିଥିଲେ।

## ଗଛରେ ପିଟି ହୋଇ କାର ଦୁର୍ଘଟଣାଗ୍ରସ୍ତ

ବୌଦ୍ଧ,୩୦।୪(ସ୍ୱ.ପ୍ର.): ବୌଦ୍ଧ ଜିଲା ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ଲାଣ୍ଡିବନ୍ଧ ନିକଟରେ ଶନିବାର ଅପରାହ୍ନରେ ଗଛରେ ପିଟି ହୋଇ ଏକ କାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିଯୋଗୁ ୪ ଜଣ ଆହତ ହୋଇଛନ୍ତି। କଟକ ଜିଲା ନରସିଂହପୁରର ଅମ୍ବୁଜା ଲୋଚନ ମହାନ୍ତିଙ୍କ ପରିବାର ଏକ କାର (ନଂ ଓଡି-୦୨ଏଜି-୧୬୬୬) ଯୋଗେ କୌଣସି କାମରେ ସମ୍ବଲପୁର ଯାଉଥିଲେ। ତେବେ କାରଟି କୌଣସି କାରଣରୁ ଭାରସାମ୍ୟ ହରାଇ ବୌଦ୍ଧ ସହର ନିକଟ ଲାଣ୍ଡିବନ୍ଧ ଠାରେ ଏକ ଗଛରେ ପିଟି ହୋଇ ବିଲ ଭିତରକୁ ଖସି ଯାଇଥିଲା। ଏହି ଦୁର୍ଘଟଣାରେ ଚାଳକ ସମେତ ୪ ଜଣ ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ମେଡିକାଲକୁ ପଠାଇଥିଲେ । ପରେ ସେମାନଙ୍କୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।


















# ଲୋକନୃତ୍ୟ, ଗୀତର ତାଳେତାଳେ ଝୁମିଲେ ଦର୍ଶକ



ଉତ୍ସବ ପ୍ରଧାନପାଟର ଚତୁର୍ଥ ସନ୍ଧ୍ୟାରେ କଳାକାରମାନେ ଲୋକନୃତ୍ୟ ପରିବେଷଣ କରୁଛନ୍ତି।

### 'ଉତ୍ସବ ପ୍ରଧାନପାଟ-୨୦୨୨' ଚତୁର୍ଥ ସନ୍ଧ୍ୟା

ଦେବଗଡ଼, ୩୦।୪(ଡି.ଏନ୍.ଏ.)

ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ ତଥା ଦେବଗଡ଼ ଜିଲାର ଗର୍ବ ଓ ଗୌରବ ପ୍ରଧାନପାଟ ଜଳପ୍ରପାତ ପାଦଦେଶରେ ନିର୍ମିତ ଶାଳବଣ ଘେରା ମୁକ୍ତାକାଶ ରଙ୍ଗମଞ୍ଚରେ ୨୭ ତାରିଖଠାରୁ ଆରମ୍ଭ ହୋଇଥିବା ଦେବଗଡ ଜିଲାର ସାଂସ୍କୃତିକ ମହୋତ୍ସବ 'ଉତ୍ସବ ପ୍ରଧାନପାଟ-୨୦୨୨' ଶନିବାର ଚତୁର୍ଥ ଦିବସରେ ପହଞ୍ଚିଛି। ସନ୍ଧ୍ୟାରେ ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାରଙ୍କ ପରିଚାଳନାରେ ଆୟୋଜିତ ଉତ୍ସବକୁ ମୁଖ୍ୟଅତିଥି ଭାବେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଲୁକାସ ପ୍ରଧାନ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରିଥିଲେ। ଏହି ସାଂସ୍କୃତିକ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା ନୃତ୍ୟ ଏବଂ ସଙ୍ଗୀତ ଦଳର କଳାକାରମାନେ ବିଭିନ୍ନ ଆକର୍ଷଣୀୟ ଲୋକନୃତ୍ୟ ଓ ଲୋକସଙ୍ଗୀତ ପରିବେଷଣ କରି ଦର୍ଶକଙ୍କର ମନ ମୋହିଥିଲେ। ଆକର୍ଷଣୀୟ ନୃତ୍ୟ ଓ ଗୀତର ତାଳେ ତାଳେ ଦର୍ଶକମାନେ ବିଭୋର ହୋଇପଡି ନାଚି ଉଠୁଥିବା ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମକୁ ଉଦ୍‌ଘୋଷକ ଉଦ୍‌ଘୋଷିକା ଭାବେ ବଂଶୀଧର ସାହୁ, ଜନ୍ମେଜୟ ନାୟକ, ବିଦେଶୀ ସାହୁ , ପ୍ରିତମ ବେହେରା, ସୁମନ ମହାକୁଳ, ସୁରଭୀ ବରାଇ, ସୋନାଲୀ ସାହୁ ଓ ମୋନାଲୀ ସାହୁ ପରିଚାଳନା କରିଥିଲେ । ଓର୍‌ମାସ୍ ପକ୍ଷରୁ ଆୟୋଜିତ ଆକର୍ଷଣୀୟ ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା ଓ ଜିଲାସ୍ତରୀୟ ଉନ୍ନୟନ ପ୍ରଦର୍ଶନୀ ଦର୍ଶକ ଏବଂ ଜଣସାଧାରଣଙ୍କ ନିମନ୍ତେ ବେଶ ଉପଭୋଗ୍ୟ ହୋଇଥିଲା। ଗତ ୩ ଦିନ ଭଳି ଶନିବାର ମଧ୍ୟ ଅନୁକୂଳ ପାଗ ଯୋଗୁ ହଜାର ହଜାର ଦର୍ଶକ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ। ଗତ ୩ଦିନ ଭଳି ଆଜିର କାର୍ଯ୍ୟକ୍ରମରେ ମଧ୍ୟ ଅତିରିକ୍ତ ଜିଲାପାଳ ରେବିକା ବିଲୁଙ୍ଗ, ଉପ ଜିଲାପାଳ ବ୍ରଜବନ୍ଧୁ ଭୋଇ, ଆସିଷ୍ଟାଣ୍ଟ କଲେକ୍ଟର କୈବଲ୍ୟ କିଶୋର କର, ସିପ୍ରା ସେଠୀ, ସୁଶାନ୍ତ କୁମାର ନାୟକ, ଯଶୋବନ୍ତ ଦେହୁରୀ, ପୌର ପରିଷଦର ନିର୍ବାହୀ ଅଧିକାରୀ ଅତସୀ ପରିଡା ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କ ସମେତ ବହୁ ଜିଲାସ୍ତରୀୟ ଅଧିକାରୀ ଓ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।

## ଓଲଟିଲା ବ୍ୟାଣ୍ଡ ପାର୍ଟି ଗାଡ଼ି: ଜଣେ ମୃତ,୩୦ ଆହାତ

ଜୁନାଗଡ,୩୦।୪(ଡି.ଏନ୍.ଏ)

ଶନିବାର ପ୍ରତ୍ୟୁଷରେ ଗୋଲାମୁଣ୍ଡାରୁ ବିବାହ ପ୍ରୋଶେସନ ସାରି ଫେରୁଥିବା ଏକ ବ୍ୟାଣ୍ଡ ପାର୍ଟି ଗାଡି (ମିନିଟ୍ରକ) କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବଣ୍ଡାକୁଟ୍ରା ଛକ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ପ୍ରଫୁଲ ବାଗ ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର ନୂଆପଡା ଜିଲାରେ। ଦୁର୍ଘଟଣା ଯୋଗୁ ମିନିଟ୍ରକରେ ବସିଥିବା ୩୦ରୁ ଉର୍ଦ୍ଧ୍ୱ ବାଜା କଳାକାର ଗୁରୁତର ହୋଇଥିଲେ। ସମସ୍ତଙ୍କୁ ସ୍ଥାନୀୟ ଜୁନାଗଡ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନିଆଯାଇଥିଲା। ୨ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ବାଜା କଳାକାର ଜୁନାଗଡ ମା' ମେଲୋଡି ବ୍ୟାଣ୍ଡ ପାର୍ଟିର ବୋଲି ଜଣାପଡିଛି।

## ୩୫୫ଜଣ ଦେଲେ ନବୋଦୟ ପ୍ରବେଶିକା ପରୀକ୍ଷା

ଅମରପାଲି, ୩୦।୪(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକରେ ନବୋଦୟ ପ୍ରବେଶିକା ପରୀକ୍ଷା ୩ଟି କେନ୍ଦ୍ରରେ ହୋଇଛି। ୩୯୭ଜଣଙ୍କ ମଧ୍ୟରୁ ୩୫୫ପରୀକ୍ଷା ଦେଇଛନ୍ତି । ବୀରମହାରାଜପୁର ବାଳକ ଓ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୪୪ଜଣ ଲେଖାଏ ପରୀକ୍ଷା ଦେବାର ଥିଲା। ଉଚ୍ଚ ବିଦ୍ୟାଳୟରେ ୧୧ ଓ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୫ଜଣ ଅନୁପସ୍ଥିତ ଥିଲେ। ଜଟେସିଙ୍ଘା ଉଚ୍ଚ ବିଦ୍ୟାଳୟରେ ୧୦୯ ପରୀକ୍ଷା ଦେବାକୁ ଥିବା ବେଳେ ୧୦ ଅନୁପସ୍ଥିତ ଥିଲେ। ପରୀକ୍ଷା ସମୟ ୧୧ଟା୩୦ରୁ ୧ଘଣ୍ଟା ପର୍ଯ୍ୟନ୍ତ ସ୍ଥିର ହୋଇଥିଲା। ଫଳରେ ପରୀକ୍ଷାର୍ଥୀମାନେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ଅତିଷ୍ଠ ହୋଇ ପଡିଥିଲେ।






## ସଂକ୍ଷେପରେ

### ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା



କୁଆଁରମୁଣ୍ଡା,୩୦।୪(ଡି.ଏନ୍.ଏ): ୧୯୮୮ ମସିହାରୁ ସରକାରୀ ଶିକ୍ଷୟିତ୍ରୀଭାବେ କାର୍ଯ୍ୟକରି ଆସୁଥିବା ଆଲବିନା ଲାକ୍ରାଙ୍କୁ ଶନିବାର କୁଆଁରମୁଣ୍ଡା ଗୋଷ୍ଠୀ ଶିକ୍ଷା ବିଭାଗ ପକ୍ଷରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଶିକ୍ଷୟିତ୍ରୀ ଆଲବିନା ଜଣେ ସମୟାନୁବର୍ତ୍ତୀ ଓ ଛାତ୍ରବତ୍ସଳ ଶିକ୍ଷୟିତ୍ରୀଭାବେ କୁଆଁରମୁଣ୍ଡା ବ୍ଲକ ଅଞ୍ଚଳରେ ଜଣାଶୁଣା ବୋଲି କୁମଝରିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ କୁଆଁରମୁଣ୍ଡା ବିଇଓ ସଦାନନ୍ଦ ପଧାନ ବକ୍ତବ୍ୟରେ କହିଛନ୍ତି। ଏହି ଅବସରରେ ତାଙ୍କୁ ମାନପତ୍ର, ଉପଢୌକନ ଇତ୍ୟାଦି ବିଦ୍ୟାଳୟ ପକ୍ଷରୁ ପ୍ରଦାନ କରାଯିବା ସହ ତାଙ୍କ ସ୍ୱାମୀ ଅବସରପ୍ରାପ୍ତ ଭାରତୀୟ ଜୀବନବୀମା ଅଧିକାରୀ ଯିରୋମ ଏକ୍କାଙ୍କୁ ମଧ୍ୟ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ କୁଆଁରମୁଣ୍ଡା ଏବିଇଓ ଡୋରୋଥିଆ ଟପ୍ପୋ ଉପସ୍ଥିତ ରହି ଶିକ୍ଷୟିତ୍ରୀ ଆଲବିନାଙ୍କ ଅବସର ଜୀବନ ନିରାମୟ, ସୁଖ, ଶାନ୍ତିରେ ଅତିବାହିତ ହେଉ ବୋଲି ପ୍ରାର୍ଥନା କରିଥିଲେ। ଏହି କାର୍ଯ୍ୟକ୍ରମ କୁମଝରିଆ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସଞ୍ଜୟ କୁମାର ସାମଲଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ସିଆରସିସି ଯାଗେଶ୍ୱର ରାଏଙ୍କ ସହ ଅନ୍ୟ ଶିକ୍ଷୟିତ୍ରୀ,ଶିକ୍ଷକ ଉପସ୍ଥିତ ଥିଲେ।

### ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା ସଭା

ଝାରସୁଗୁଡ଼ା ଅଫିସ,୩୦।୪: ଝାରସୁଗୁଡ଼ା ଓଏମ୍‌ପିସ୍ଥିତ ଭୁବନେଶ୍ୱରୀ ଦୁର୍ଗା ମନ୍ଦିର ପରିସରରେ କବୟିତ୍ରୀ ତଥା ଲେଖିକା ଅଞ୍ଜଳି ପ୍ରଭା ପଟ୍ଟନାୟକଙ୍କ ପ୍ରବନ୍ଧ ସଂକଳନ ଅନ୍ୱେଷାର ସ୍ୱର ଓ ହିନ୍ଦୀ କବିତା ସଂକଳନ ଏକ ମୁଟି ଶବ୍ଦ ୨ଟି ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ସଭାରେ ଓଏସ୍‌ଏପି ୨ୟ ବାଟାଲିୟନ ଦୁର୍ଗପତି ଅଶିଷ ଦୁବେ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟଅତିଥି ଏସ୍‌ପି ବିକାଶ ଚନ୍ଦ୍ର ଦାସ, ମୁଖ୍ୟବକ୍ତା ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟା ଶିବପ୍ରିୟା ମିଶ୍ର, ଆଇନା ପତ୍ରିକାର ସମ୍ପାଦକ ତଥା ପ୍ରକାଶକ କ୍ଷେତ୍ରବାସୀ ସାହୁ, ଅଧ୍ୟାପିକା ମନ୍ଦାକିନୀ ଶତପଥୀ, ମହିଳା କଲେଜ ଅଧ୍ୟାପିକା ଡ. ମୀନା ସୋନୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁସ୍ତକ ଉନ୍ମୋଚନ କରିଥିଲେ। ଏହି ଅବସରରେ କବୟିତ୍ରୀ ପଟ୍ଟନାୟକଙ୍କୁ ପ୍ରଣତି ପଟ୍ଟନାୟକ, ଅକ୍ଷୟ ପତି ଓ ପ୍ରେମସାଗର ଦାସ ପ୍ରମୁଖ କବିମାନେ ସମ୍ବର୍ଦ୍ଧିତ କରିଥିଲେ। ଅନ୍ତର୍ଯାମୀ ପାଣିଗ୍ରାହୀ ସଂଯୋଜନା କରିଥିବାବେଳେ କବି ପ୍ରେମ ସାଗର ଦେହେରିଆ ଧନ୍ୟବାଦ ଦେଇଥିଲେ।

### ଦେବେଶ ପଣ୍ଡା ସଭାପତି ନିର୍ବାଚିତ

ବ୍ରଜରାଜନଗର,୨୯।୪(ଡି.ଏନ.ଏ.): ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀ ପାଇଁ ରାଜ୍ୟ କଂଗ୍ରେସ ନେତୃତ୍ୱ ସ୍ଥାନୀୟ ଯୁବନେତା ଦେବେଶ ପଣ୍ଡାଙ୍କୁ ସଭାପତି ଭାବେ ମନୋନୀତ କରିଛନ୍ତି। ଆଗାମୀ ଦିନରେ ଏଠାରେ ଉପନିର୍ବାଚନ ହେବାକୁ ଯାଉଛି। କଂଗ୍ରେସ ଏହି ନିର୍ବାଚନରେ ଭଲ ପ୍ରଦର୍ଶନ କରିବ ବୋଲି ଦେବେଶ ପ୍ରକାଶ କରିଛନ୍ତି। ଏହାସହ ଦଳ ତାଙ୍କ ଉପରେ ଆସ୍ଥା ପ୍ରକଟ କରିଥିବାରୁ ସେ ଦଳୀୟ ପଦାଧିକାରୀଙ୍କୁ ସାଧୁବାଦ ଜଣାଇଛନ୍ତି।

# ସାମଗ୍ରିକ ବିକାଶରେ ସମ୍ବଲପୁର ଶ୍ରେଷ୍ଠ

ସମ୍ବଲପୁର,୩୦।୪(ବ୍ୟୁରୋ)

ଇଣ୍ଡିଆ ଟୁଡେ ପତ୍ରିକା ଦ୍ୱାରା ୫ବର୍ଷ ଧରି ହୋଇଥିବା ସର୍ବେକ୍ଷଣ ରିପୋର୍ଟ ପ୍ରକାଶ ପାଇଛି। ଏଥିରେ ସାମଗ୍ରିକ ବିକାଶ କ୍ଷେତ୍ରରେ ରାଜ୍ୟରେ ସମ୍ବଲପୁର ଜିଲା ଶ୍ରେଷ୍ଠ ସ୍ଥାନରେ ରହିଛି। ଶୁକ୍ରବାର କିଟ୍ ପ୍ରେକ୍ଷାଳୟରେ ଇଣ୍ଡିଆ ଟୁଡେ ପକ୍ଷରୁ ଷ୍ଟେଟ ଅଫ ଦି ଷ୍ଟେଟ କନ୍‌କ୍ଲେଭରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଠାରୁ ସମ୍ବଲପୁର ଜିଲାପାଳ ପୁରସ୍କାର ଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ। ଅର୍ଥନୀତି, ଭିତ୍ତିଭୂମି, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଆଇନଶୃଙ୍ଖଳା, ସାମାଜିକ ସୁରକ୍ଷା, ନାରୀ ଶିକ୍ଷା, ଉଦ୍ୟୋଗ, ଦକ୍ଷତା ବିକାଶ, ଡିଜିଟାଲ କଭରେଜ, ପରିମଳ ବ୍ୟବସ୍ଥା ଆଦି ଉପରେ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା। ଏହିସବୁ ବର୍ଗର ପ୍ରଦର୍ଶନ ଉପରେ ବିଚାର କରି ଜିଲାକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ପଶ୍ଚିମ ଓଡ଼ିଶାର ଝାରସୁଗୁଡ଼ା ଜିଲା ଭିତ୍ତିଭୂମି ଓ ଉଦ୍ୟୋଗ ଦିଗରେ ପୁରସ୍କୃତ ହୋଇଥିବାବେଳେ କୃଷି କ୍ଷେତ୍ରରେ ବରଗଡ ଜିଲା ପୁରସ୍କୃତ ହୋଇଛି। ସର୍ବାଧିକ ଉନ୍ନତ ଜିଲା ବର୍ଗରେ କୋରାପୁଟ ଜିଲା ପୁରସ୍କୃତ ହୋଇଛି। ପରିମଳରେ କଳାହାଣ୍ଡି, ଶିକ୍ଷା କ୍ଷେତ୍ରରେ ବଲାଙ୍ଗୀର, ଦକ୍ଷତା ବିକାଶ କ୍ଷେତ୍ରରେ ସୁନ୍ଦରଗଡ଼ ଜିଲା ମଧ୍ୟ ପୁରସ୍କୃତ ହୋଇଛି।




ସମ୍ବଲପୁର ଜିଲାପାଳ ମୁଖ୍ୟମନ୍ତ୍ରୀଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

**ଇଣ୍ଡିଆ ଟୁଡେ ସର୍ବେକ୍ଷଣ**

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ

ଝାରସୁଗୁଡ଼ା ଅଫିସ,୩୦।୪

ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ରୋଷେୟା ଲଳିତ କୁମାର ସାହୁଙ୍କ ମୃତ୍ୟୁ ଘଟଣାର ସିବିଆଇ ତଦନ୍ତ ଦାବିକରି ଶନିବାର କୋଲାବିରା ଭାଜପା ମଣ୍ଡଳ ତରଫରୁ ବ୍ଲକ୍ ସମ୍ମୁଖରେ ବିକ୍ଷୋଭ ସହ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ କୋଲାବିରା ମଣ୍ଡଳ ପ୍ରଭାରୀ ନେତାଜୀ ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ ବେହେରା, ଉପସଭାପତି ଡୋଲାମଣି ନାୟକ, ପ୍ରକାଶ ମହାନ୍ତି, ପୂର୍ବତନ ଜିଲାପରିଷଦ ସଦସ୍ୟ ବଳରାମ ପାଣ୍ଡେ, ସାଧାରଣ ସମ୍ପାଦକ ମନୋଜ ସାହୁ, କୁଳଦୀପ ନାୟକ, ସମ୍ପାଦକ ଅସିତ ରାଓ ପ୍ରମୁଖ ଉପସ୍ଥିତ ଥିଲେ ।

## ଘର ଭାଙ୍ଗି ଧାନ ଖାଇଲା ହାତୀ

ନାକଟିଦେଉଳ,୩୦।୪(ଡି.ଏନ.ଏ.)

ନାକଟିଦେଉଳ ବନାଞ୍ଚଳରେ ଗତ କିଛିଦିନ ହେଲା ଏକ ଦନ୍ତାହାତୀ ଉପଦ୍ରବ ଚଳାଇଛି। ଶୁକ୍ରବାର ବିଳମ୍ବିତ ରାତ୍ରିରେ ହାତୀଟି ବାଟଗାଁ ଫରେଷ୍ଟ ସେକ୍ସନ ହିତସରା ଗ୍ରାମର ମୁଣ୍ଡା ସାହିରେ ପଶି ବ୍ୟାପକ କ୍ଷୟକ୍ଷତି ଘଟାଇଛ। ଏହି ହାତୀ ଉପଦ୍ରବରେ ସାହିର ରାଘବ ପ୍ରଧାନଙ୍କ ୨ ବଖରା, ଆଦିକନ୍ଦ ନାଏକଙ୍କ ୧ବଖରା ଏବଂ ପୂର୍ଣ୍ଣ ଚନ୍ଦ୍ର ନାଏକଙ୍କର ଆଜବେଷ୍ଟସ୍ ଘରର ବାରଣ୍ଡା ଭାଙ୍ଗିରୁଜି ଯାଇଥିବା ଅଭିଯୋଗ ହୋଇଛି। ବାଟଗାଁ ଫରେଷ୍ଟ ସେକ୍ସନର ଏକ ସ୍କ୍ୱାଡ୍ ଘଟଣାସ୍ଥଳରେ ପହଞ୍ଚି ହାତୀଟିକୁ ଘଉଡ଼ାଇଥିଲେ। ଶନିବାର ସକାଳୁ ବାଟଗାଁ ଫରେଷ୍ଟର ଓ ରାଜସ୍ୱ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ତଦନ୍ତ କରିଛନ୍ତି। ଫରେଷ୍ଟର ଅନୀଲ କୁମାର କିସାନ କହିଛନ୍ତି, ଜଙ୍ଗଲ ବିଭାଗ ପକ୍ଷରୁ କ୍ଷୟକ୍ଷତିର ଆକଳନ କରାଯାଇଛି। ସରକାରଙ୍କ ନିୟମାନୁସାରେ କ୍ଷତିଗ୍ରସ୍ତ ପରିବାରକୁ ସହାୟତା ରାଶି ଯୋଗାଇ ଦିଆଯିବ। ଅପରପକ୍ଷେ ବାଟଗାଁ ଫରେଷ୍ଟ ସେକ୍ସନର ବିଭିନ୍ନ ଗ୍ରାମରେ ଏହି ଦନ୍ତା ଉପଦ୍ରବ ଜାରି ରଖିଥିବାରୁ ବନ ବିଭାଗ ଏ ଦିଗରେ ପଦକ୍ଷେପ ନେବା ସହ କ୍ଷତିଗ୍ରସ୍ତ ଲୋକଙ୍କୁ ଶୀଘ୍ର ସହାୟତା ରାଶି ଯୋଗାଇଦେବାକୁ ବାଟଗାଁ ସରପଞ୍ଚ ସୌଦାମିନୀ ବେହେରା ଦାବି କରିଛନ୍ତି।



ହାତୀ ଦ୍ୱାରା ଭାଙ୍ଗିଥିବା ଘର।

## ବାପାଙ୍କ ସ୍ୱପ୍ନ ସାକାର କଲେ ଅଟୋଚାଳକଙ୍କ ଝିଅ

ସମ୍ବଲପୁର,୩୦।୪(ବ୍ୟୁରୋ)

ବାପାଙ୍କ ସ୍ୱପ୍ନ ସାକାର କରିଛନ୍ତି ଜଣେ ଅଟୋ ଚାଳକଙ୍କ ଝିଅ। ସେ ହେଲେ ହୀରାକୁଦ ଚକ୍ରବର୍ତ୍ତୀ ପଡ଼ାର ଥୋମାସ ବକଲିଙ୍କ ଝିଅ ସାଗରିକା ବକଲି। ସାଗରିକା ବୈଷୟିକ ଶିକ୍ଷାରେ ଜାତୀୟ ସ୍ତରରେ ଅଣପାରମ୍ପରିକ (ଇଲେକ୍ଟ୍ରିସିଆନ) ଟ୍ରେଡ୍‌ରେ ଟପ୍ପର ହୋଇଛନ୍ତି। ସର୍ବମୋଟ ୭ ଶହରୁ ୬୮୬ ମାର୍କ (୯୮%) ରଖିଛନ୍ତି। ସାଗରିକା କହନ୍ତି, ଏବେ ହିଣ୍ଡାଲ୍‌କୋ କମ୍ପାନୀରେ ଆପେଣ୍ଡିକ୍ସ କରିବେ। ପାଠପଢା ଶେଷ ହେବା ପରେ ସରକାରୀ ଚାକିରି (ଇଞ୍ଜିନିୟର) ହେବା ପାଇଁ ଚେଷ୍ଟା କରିବେ। ବାପା ଥୋମାସ ସବୁବେଳେ ପାଠ ପଢିବା ପାଇଁ କହୁଥିଲେ। ଯଥା ସମ୍ଭବ ଯାହା ଆବଶ୍ୟକ ଯୋଗାଇ ଦେଉଥିଲେ। ଅଟୋ ଚଳାଇ ଯାହା ରୋଜଗାର କରୁଥିଲେ ସେଥିରେ ପରିବାର ଚଳାଇବା ସହ ମୋ ପଢାରେ ଖର୍ଚ୍ଚ କରୁଥିଲେ। ଏହି ସଫଳତା ପାଇଁ ସେ ମା'ବାପା ଓ କଲେଜ କର୍ତ୍ତୃପକ୍ଷଙ୍କୁ ଶ୍ରେୟ ଦେଇଛନ୍ତି। ଏହା ଜାଣିବା ପରେ ବନ୍ଧୁପରିଜନ, କଲେଜର ସହପାଠୀ ଓ ଶିକ୍ଷକମାନେ ସାଗରିକାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ବାପା ଥୋମାସଙ୍କ ସହ ସାଗରିକା।

## କଲେଜ ଅଧ୍ୟକ୍ଷଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଜମନକିରା,୩୦।୪(ଡି.ଏନ.ଏ.)

ଜମନକିରା ସଦର ମହକୁମାସ୍ଥିତ ଯୁକ୍ତ ୨ ମହାବିଦ୍ୟାଳୟ ଦାୟିତ୍ୱରେ ଥିବା ଅଧ୍ୟକ୍ଷ ଡ. କୃପାଶଙ୍କର ନାଥଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଦୀର୍ଘ ୩୭ବର୍ଷ ଧରି ଅଧ୍ୟାପନା ପରେ ଶନିବାର ସେ ଅବସର ନେଇଛନ୍ତି। କାର୍ଯ୍ୟକ୍ରମରେ ଉଭୟ ଯୁକ୍ତ ୨ ଓ ଯୁକ୍ତ ୩ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ ଅଣଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ।

## ଶୀତଳଷଷ୍ଠୀ ଯାତ୍ରା ମିଳିତ କ୍ରିୟାନୁଷ୍ଠାନ କମିଟି ଗଠନ

ସମ୍ବଲପୁର,୩୦।୪(ବ୍ୟୁରୋ)

ସମ୍ବଲପୁର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ମିଳିତ କ୍ରିୟାନୁଷ୍ଠାନ କମିଟି ଗଠନ ହୋଇଛି। ଝାଡୁଆଡା ଆରଣ୍ୟକ ମଣ୍ଡପଠାରେ ଅନୁଷ୍ଠିତ ସଭାରେ ସର୍ବସମ୍ମତି କ୍ରମେ କମିଟି ଚୟନ କରାଯାଇଥିଲା। ଝାଡୁଆପଡାର ସୁଶାନ୍ତ କୁମାର ପୁରୋହିତ ସଭାପତି, ମୁଦିପଡାର ବିଶ୍ୱ ରଞ୍ଜନ ପୂଜାରୀ ଉପସଭାପତି, ନନ୍ଦପଡାର ଫଣି ଭୂଷଣ ମିଶ୍ର ସମ୍ପାଦକ ଓ ଅମୂଲ୍ୟ କୁମାର ମିଶ୍ର କାର୍ଯ୍ୟକାରୀ ସଭାପତି ଭାବେ ମନୋନୀତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ କମିଟିରେ ନବକେଶ ପ୍ରସାଦ ସାହୁ, ସତ୍ୟଜିତ ପଣ୍ଡା, ଦିଲୀପ ମିଶ୍ର, ଅରୁଣ ମିଶ୍ର, ପ୍ରମୁଦତ୍ତ ପଣ୍ଡା, ସତ୍ୟକାନ୍ତ ମହାପାତ୍ର, ସିଦ୍ଧାର୍ଥ ପରିଡା ରହିଛନ୍ତି। ସରୋଜ ଦଳପତ, ପାର୍ଥ ସାରଥି ମିଶ୍ର, ସମୀର ରଞ୍ଜନ ବାବୁ, ଖଡିରତ୍ନ ବେହେରା, ଦୁର୍ଗା ପଟ୍ଟନାୟକ,ସୀତାକାନ୍ତ ପାଣିଗ୍ରାହୀ,ସରୋଜ ସାହୁ, ବାବୁଲୁ ପୁରୋହିତ ଆଲୋଚନାରେ ଭାଗ ନେଇଥିଲେ।

## ଏମ୍‌ସିଏଲ୍ ପକ୍ଷରୁ ଆମ୍ବୁଲାନ୍ସ ପ୍ରଦାନ




ଉତ୍ସବରେ ଉପସ୍ଥିତ ଅତିଥି ଓ କମ୍ପାନୀ ଅଧିକାରୀ।

ସମ୍ବଲପୁର,୩୦।୪(ବ୍ୟୁରୋ

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ପକ୍ଷରୁ ଶନିବାର ପଶ୍ଚିମ ଓଡ଼ିଶାର ୩ ଜିଲାକୁ ୫ଟି ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି। ବରଗଡ ଏମ୍‌ପି ସୁରେଶ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏମ୍‌ସିଏଲ୍ ମୁଖ୍ୟାଳୟରେ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏମସିଏଲ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଓମ୍‌ପ୍ରକାଶ ସିଂ ଓ ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କମ୍ପାନୀର କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ବିତ୍ତ ନିର୍ଦ୍ଦେଶକ କେ.ଆର୍. ବାସୁଦେବନ, ଯୋଜନା ଓ ପରିଯୋଜନା ବୈଷୟିକ ନିର୍ଦ୍ଦେଶକ ଯୁଗଳ କୁମାର ବୋରା, ସିଭିଓ ପି.କେ. ପଟେଲଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସେବା ସୁଦୃଢ଼ କରିବା ପାଇଁ କମ୍ପାନୀର ଏହି ପଦକ୍ଷେପକୁ ଏମ୍‌ପି ପୂଜାରୀ ପ୍ରଶଂସା କରିଥିଲେ।

## ଡାକ ବ୍ୟବସାୟ ଉନ୍ନତୀକରଣ ସଭା

ସମ୍ବଲପୁର,୩୦।୪ (ବ୍ୟୁରୋ)

ଡାକ ବ୍ୟବସାୟ ଉନ୍ନତୀକରଣ ସଭା ଶନିବାର ସମ୍ବଲପୁର ପ୍ରଧାନ ଡାକଘର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଡାକ ମଣ୍ଡଳ ଅଧୀକ୍ଷକ ବିପିନ ବିହାରୀ ନେଗୀ, ସହକାରୀ ନିର୍ଦ୍ଦେଶକ ସଞ୍ଜୟ ବିଶ୍ୱାଳ, ପୋଷ୍ଟମାଷ୍ଟର ଲମ୍ବୋଦର ମିଶ୍ର, ଆଇପିପିବି ବିନିତା କୁମାରୀ ଯୋଗଦେଇ ଡାକ ବିଭାଗର ବିଭିନ୍ନ ବ୍ୟବସାୟିକ କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ । ସହକାରୀ ଅଧୀକ୍ଷକ ତାପସ କୁମାର ପୋରଇ, ଗିରିଶ ଚନ୍ଦ୍ର ସାହୁ, ଅରୁଣ କୁମାର ଲାଟାଙ୍କ ସମେତ ଡାକ କର୍ମୀମାନେ ଯୋଗଦେଇଥିଲେ। ସଭାରେ ଷ୍ଟେଟ ବ୍ୟାଙ୍କର ମୁଖ୍ୟ ପରିଚାଳକଙ୍କ ସମେତ ଜୀବନ ବୀମା ନିଗମ, ଆୟକର ବିଭାଗ, ଆଇଡିବିଆଇ, ଓଏସ୍‌ଓୟୁ, ଆରଟିଓ ବିଭାଗର ଅଧିକାରୀମାନେ ସାମିଲ ହୋଇଥିଲେ।

## ଜିଲାସ୍ତରୀୟ ଚାଷୀ ମେଳା

**ବିଭିନ୍ନ ଷ୍ଟଲରେ ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ, ଆଧୁନିକ କୃଷି ଯନ୍ତ୍ରପାତି ଓ ବିହନ ପ୍ରଦର୍ଶିତ**

ସୁନ୍ଦରଗଡ଼, ୩୦।୪(ଡି.ଏନ୍.ଏ.)

ଦେଶବ୍ୟାପୀ ୭୫ତମ ଆଜାଦି କା ଅମୃତ ମହୋତ୍ସବ ପାଳନ ଉପଲକ୍ଷେ ଚାଷୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଚାଷୀ ମେଳା ଆୟୋଜନ କରାଯାଉଛି। ଏହି କ୍ରମରେ ସୁନ୍ଦରଗଡ଼ ଜିଲା ସଦର ବ୍ଲକ କିଞ୍ଜିର୍ମାସ୍ଥିତ ପ୍ରଗତି ମଣ୍ଡପଠାରେ ଜିଲାସ୍ତରୀୟ ଚାଷୀମେଳା ଅନୁଷ୍ଠିତ ହୋଇଛି। ଜିଲାପାଳ ନିଖିଳ ପବନ କଲ୍ୟାଣ ଏହି ମେଳାକୁ ଉଦ୍‌ଘାଟନ କରିବା ସହ ସଫଳ ଚାଷୀ ଓ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ସମ୍ମାନିତ କରିଛନ୍ତି। ଚାଷୀମାନେ କିପରି ଭାରତୀୟ ଜୈବିକ କୃଷି ପଦ୍ଧତିରେ ଚାଷ କରି ଆୟକୁ ଦିଗୁଣିତ କରିପାରିବେ, ସେଥିପାଇଁ ଚାଷୀ ମେଳାରେ ଏକ ଟେକ୍ନିକାଲ ସେସନ ଆୟୋଜନ କରାଯାଇଥିଲା। ମାଣ୍ଡିଆ ଓ ତୈଳବୀଜ ଭଳି ଅର୍ଥକାରୀ ଫସଲର ଉତ୍ପାଦନ ବୃଦ୍ଧି ସହ କିପରି ଜୈବିକ ପ୍ରଣାଳୀରେ ଅଧିକରୁ ଅଧିକ ଶସ୍ୟ ଉତ୍ପାଦନ ହୋଇପାରିବ ସେଥିପାଇଁ ଚାଷୀଙ୍କୁ ତାଲିମ ଦିଆଯାଇଥିଲା। ସୁନ୍ଦରଗଡ଼ ଚାଷୀଙ୍କ ଦ୍ୱାରା ଉତ୍ପାଦିତ ଦ୍ରବ୍ୟ ଦେଶବିଦେଶର ବଜାରରେ ପହଞ୍ଚି ପାରିଲେ କୃଷି କ୍ଷେତ୍ରର ବିକାଶ ସହ ଚାଷୀମାନେ ଆର୍ଥିକ ସ୍ତରରେ ଅଧିକ ଲାଭବାନ ହୋଇପାରିବେ। ଏଥିପାଇଁ ଜିଲା ପ୍ରଶାସନ ନିରନ୍ତର ପଦକ୍ଷେପ ନେଇଆସୁଛି। ଏଥିରେ ଚାଷୀ ଓ ଅନ୍ୟ ଗୋଷ୍ଠୀ ସମୂହମାନଙ୍କର ସହଯୋଗ ଓ ସହଭାଗିତାର ଆବଶ୍ୟକତା ରହିଛି ବୋଲି ଏହି ଅବସରରେ ଜିଲାପାଳ କହିଥିଲେ। ଏହି ଉତ୍ସବରେ ଓ ମିଲେଟ୍ସ ମିଶନ ପକ୍ଷରୁ ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟ, ଜୀବିକା ମିଶନ ପକ୍ଷରୁ ଜୈବିକ ସାର ପ୍ରୟୋଗ କରି ଅମଳ ହୋଇଥିବା ଖାଦ୍ୟଶସ୍ୟ ଷ୍ଟଲ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ସେହିପରି ବିଭିନ୍ନ ଆଧୁନିକ କୃଷି ଯନ୍ତ୍ରପାତି ଓ ବିଭିନ୍ନ କିସମର ବିହନ ମଧ୍ୟ ଷ୍ଟଲରେ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ଛତୁ ଚାଷ ପାଇଁ ମୀରାବାଇ ସ୍ୱୟଂ ସହାୟିକା ଗୋଷ୍ଠୀ, ସମନ୍ୱିତ କୃଷି ପାଇଁ ଯୁବ ଚାଷୀ ହିରୋଦ ପଟେଲ, ପନିପରିବା ଚାଷ ପାଇଁ ଶ୍ରୀକାନ୍ତ କିଷାନ, କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶରତ ଚନ୍ଦ୍ର କାଲୋଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଲକ୍ଷ୍ମୀପ୍ରିୟା ପ୍ରଧାନ, ସିଡିଏଓ ପ୍ରଦୀପ କୁମାର ସାହୁ, ସୁନ୍ଦରଗଡ଼ ସଦର (କ) ଜୋନ ଜିଲା ପରିଷଦ ସଭ୍ୟ ଅଶ୍ୱିନୀ କୁମାର ନାଏକ, ଡିଡିଏ ଶରତ କୁମାର ପଟେଲ, ଡିଡିଏମ୍ ନାବାର୍ଡ ତାପସ କୁମାର ବେହେରା, ଡିଡିଏଚ ସଦେଶ କୁମାର ଚୌଧୁରୀ, ଏପିଡି ୱାଟରସେଡ ଶରତ କୁମାର ନାୟକ, ଜିଲା ମତ୍ସ୍ୟ ଅଧିକାରୀ ଜିତେନ୍ଦ୍ର କୁମାର ବେହେରା ଓ ଡିଏମ୍‌ଏଫ୍ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।



ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ ପ୍ରଦର୍ଶନ କରାଯାଉଛି।

## ବିକାଶ ହସ୍ପିଟାଲରେ କ୍ୟାଥ୍‌ଲାବ ଉଦ୍‌ଘାଟିତ



ବିକାଶ ହସ୍ପିଟାଲରେ କ୍ୟାଥ୍‌ଲ୍ୟାବ ଉଦ୍‌ଘାଟନ କରାଯାଉଛି ।

ସମ୍ବଲପୁର,୩୦।୪(ବ୍ୟୁରୋ)

ସମ୍ବଲପୁର ବରେଇପାଲି (ପାଞ୍ଚଗୁଛିଆ)ସ୍ଥିତ ବିକାଶ ହସ୍ପିଟାଲରେ ଶୁକ୍ରବାର କ୍ୟାଥ୍‌ଲାବ ଉଦ୍‌ଘାଟିତ ହୋଇଯାଇଛି। ବିକାଶ ଗ୍ରୁପର ୨୧ ତମ ପ୍ରତିଷ୍ଠା ଦିବସ ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଲୋକାର୍ପଣ କରିଥିଲେ। ମନ୍ତ୍ରୀ ଦାସ କହିଥିଲେ, ହୃଦ୍ ରୋଗ ଚିକିତ୍ସା ଉଚିତ ସମୟରେ କରିବା ଆବଶ୍ୟକ। ବୁର୍ଲା ଭିମ୍‌ସାରରେ ଏଥିପାଇଁ ସମସ୍ତ ସୁବିଧା ରହିଛି। ହେଲେ ରୋଗୀ ସଂଖ୍ୟା ଅଧିକ ହେଉଥିବାବେଳେ ଭିମ୍‌ସାର ଉପରେ ଚାପ ପଡୁଥିଲା। ଏବେ ଏହି ରୋଗୀମାନେ ବିକାଶରେ ଚିକିତ୍ସିତ ହୋଇପାରିବେ। ରାଜ୍ୟ ସରକାର ଲାଗୁ କରିଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର କାର୍ଡରୁ ଏଠାରେ ଲାଭ ଉଠାଇପାରିବେ ବୋଲି କହିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୁରଲୀକ୍ରିଷ୍ଣା, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡି ନାଗେଶ୍ୱର ରାଓ, ପରିଚାଳନା ନିର୍ଦ୍ଦେଶକ ଜି ଭାସ୍କର ରାଓ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭି. ଶ୍ରୀନିବାସ, ଏକାଡେମିକ ନିର୍ଦ୍ଦେଶକ ରାମକ୍ରିଷ୍ଣା, ମୁଖ୍ୟ ପ୍ରଶାସନିକ ଅଧିକାରୀ ଡା. ରବି କୁମାର ପ୍ରମୁଖ ମଞ୍ଚାସୀନ ଥିଲେ।

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା

ଝାରସୁଗୁଡ଼ା ଅଫିସ,୩୦।୪

ଝାରସୁଗୁଡ଼ା ପୌର ପରିଷଦ ସଭାଗୃହରେ ପୌରାଧ୍ୟକ୍ଷା ରାନୀ ହାତୀଙ୍କ ପୌରହିତ୍ୟରେ ଶନିବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ପୌର ପରିଷଦର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ବର୍ଷାଋତୁ ପୂର୍ବରୁ ନାଳନର୍ଦ୍ଦମା ସଫେଇ, ୨୪ ୱାର୍ଡରେ ପାଣି ଟାଙ୍କି ପ୍ରଦାନ ଓ ମଶାମରା ଧୂଆଁ ପକାଇବା ଆଦି ସମ୍ପର୍କରେ ଆଲୋଚନାକରି କାର୍ଯ୍ୟକାରୀ କରିବାପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ପୌର ପରିଷଦ ନିର୍ବାହୀ ଅଧିକାରୀ ମନୋଜ କୁମାର ତାଣ୍ଡି, ଉପାଧ୍ୟକ୍ଷ ବେଣୁ ଗୋପାଳ ପାଣିଗ୍ରାହୀ, ପୂର୍ବତନ ପୌରାଧ୍ୟକ୍ଷ ତାପସ ରାୟ ଚୌଧୁରୀ, ହରିଶ ଗଣତ୍ରା, ସନ୍ଦୀପ ଅବସ୍ଥି, ପ୍ରତାପ ନନ୍ଦ, ମଦନ ହାତୀ, ପିଣ୍ଟୁ ପାଢୀ ପ୍ରମୁଖ ଉପସ୍ଥିତ ରହି ମତାମତ ରଖିଥିଲେ।

**ଝାରସୁଗୁଡ଼ା ପୌର ପରିଷଦ**



ସମୀକ୍ଷା ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମେତ ଅନ୍ୟମାନେ।

## ସଂକ୍ଷେପରେ

### ଚିନିକଳ କାର୍ଯ୍ୟକ୍ଷମ ଦାବି, ଆଖୁଚାଷୀ ସମାବେଶ

ଦେଓଗାଁ,୩୦।୪(ଡି.ଏନ.ଏ) ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାଗରପାଲି ନିକଟସ୍ଥ ବିଜୟାନନ୍ଦ ସମବାୟ ଚିନିକଳର ପୁନଃଚାଲୁ ଦାବି ନେଇ ଶନିବାର ଚିନିକଳ ସମ୍ମୁଖରେ ଆଖୁଚାଷୀ ସମାବେଶ ଅନୁଷ୍ଠିତ ହୋଇଥିଲା। ପଶ୍ଚିମ ଓଡିଶା ସେବାସଂଘ, ଭିଲେଜର୍ସ ଇଣ୍ଡିଆପାର୍ଟି, ପ୍ରାଉଟିଷ୍ଟ ବ୍ଲକ ଇଣ୍ଡିଆ, ଆଦିବାସୀ ଅଧିକାର ମହାସଂଘ, ଆଖୁଚାଷୀ ସଂଘ, ଚିନିକଳ କର୍ମଚାରୀ ସଂଘ ତରଫରୁ ଆୟୋଜିତ ସମାବେଶରେ କାରଖାନାକୁ ପୁନଃ ଚାଲୁ ପାଇଁ ଦାବି କରାଯାଇଥିଲା। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଚିନିକଳ ଜିଏମ ଶତଦଳ ମିଶ୍ରଙ୍କୁ ପ୍ରଦାନ କରାଯାଇଥିଲା। ଭିଆଇପି ଅଧକ୍ଷ ଡ.ବିପିନ କୁଶୁଲିଆ ଓ ପଶ୍ଚିମ ଓଡିଶା ସେବାସଂଘ ଅଧକ୍ଷ ରାଜେଶ ବଗର୍ତ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନୀଳମଣି ଦୀପ, ଅକ୍ଷୟ ପୁଟା, ଦୟାମୟ ସାହୁ, ଅଜିତ ରଣା ତଥା ଦେଓଗାଁ ଓ ଗୁଡଭେଲା ବ୍ଲକର ଆଖୁଚାଷୀମାନେ ଉପସ୍ଥିତ ଥିଲେ। ୨୦୧୩ ମସିହାରୁ ଏହି କୃଷିଭିତ୍ତିକ ଶିଳ୍ପ ବନ୍ଦ ପଡିବା ଯୋଗୁଁ ଆଖୁଚାଷ ଉପରେ କି ପ୍ରଭାବ ପଡିଛି ତାହା ଉପରେ ବକ୍ତାମାନେ ମତ ରଖିଥିଲେ। ଡ.କୁଶୁଲିଆ କହିଥିଲେ ଯେ, ଏହି ଚିନିକଳ ପୁନଃଚାଲୁ ହେଲେ ଦେଓଗାଁ ବ୍ଲକ ତଥା ବଲାଙ୍ଗୀର ଜିଲାର ଅର୍ଥନୈତିକ ବିକାଶ ଘଟିବ। ଆଖୁଚାଷୀ ବିଶେଷ ଭାବେଉପକୃତ ହୋଇପାରିବ ବୋଲି କହିଥିଲେ। ବର୍ତ୍ତମାନ ପ୍ରଚଣ୍ଡ ଖରା ଯୋଗୁ ଅନେକ ଆଖୁଚାଷୀ ସମାବେଶରେ ଉପସ୍ଥିତ ହୋଇପାରି ନ ଥିଲେ। ଏଣୁ ଆସନ୍ତା ଜୁନ ଶେଷ ସପ୍ତାହରେ ସମସ୍ତଙ୍କୁ ନେଇ ପୁଣିଥରେ ଚାଷୀ ସମାବେଶ ଆୟୋଜନ କରାଯାଇ ଦାବିକୁ ଜୋରଦାର କରାଯିବ ବୋଲି ସୂଚନା ଦେଇଥିଲେ।

### ସ୍ୱାସ୍ଥ୍ୟମେଳାକୁ ଆସି ଅଙ୍ଗଦାନ ପାଇଁ ସ୍ୱୀକୃତି ଦେଲେ

ଲୋଇସିଂହା,୩୦।୪(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଗତ ୨୧ତାରିଖରେ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ମେଳା ସରି ଯାଇଥିଲେ ବି ଏହି ଅବସରରେ ନିଆଯାଇଥିବା ଏକ ନିଆରା ପଦକ୍ଷେପକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଏବଂ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷ ପାଇଁ ଆସିଥିବା ଡାକ୍ତର, ଷ୍ଟାଫ ଓ ଅନ୍ୟ କେତେଜଣ ଚକ୍ଷୁ ଓ ଅଙ୍ଗଦାନ ଭଳି ନିଷ୍ପତ୍ତି ନେଇ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ଏଡି ଉପଲକ୍ଷେ ସ୍ୱୀକୃତି ପ୍ରଦାନ କରି ନାମ ପଞ୍ଜୀକରଣ କରିଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ରହିଛନ୍ତି ବାଦିମୁଣ୍ଡା ସରପଞ୍ଚ କିରଣ,ସାହୁ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧକ୍ଷ ଡା.ଶେଖରଲାଲ ପଧାନ, ଡା ଶୁଭେନ୍ଦୁ ପଧାନ, ଡା. ଯଶୋବନ୍ତ ପାଢୀ, ଡା.ରଶ୍ମୀ ପଧାନ, ଡା ମାନସ ଥାଏତ, ଡା ମୃଣାଳିନୀ ସାଏ, ବିପିଏମ ସନ୍ତୋଷ ଦୋରା, ଫାମାଶିଷ୍ଟ ସରୋଜ ସାହୁ, ଉପେନ୍ଦ୍ର ଭୂଏ, ଚମ୍ପେଶ୍ୱର ସୁନା, ଷ୍ଟାଫନର୍ସ ମୀରା ସାହୁ, ସାମାଜିକ କର୍ମୀ କେଦାର ଥନାପତିଙ୍କ ସମେତ ମୋଟ ୩୧ଜଣ। ସିଏଚଏସି ଅଧ୍ୟକ୍ଷ ଡା ପଧାନଙ୍କୁ ଏ ନେଇ ପଚାରିବାରୁ ଅଙ୍ଗଦାନ ପାଇଁ ନାମ ପଞ୍ଜୀକରଣ ଦିନିକିଆ କାର୍ଯ୍ୟକ୍ରମ ନୁହେଁ। ଇଚ୍ଛୁକ ବ୍ୟକ୍ତି ଯେ କୌଣସି ମୁହୂର୍ତ୍ତରେ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆସି ଅଙ୍ଗଦାନ କରିବାକୁ ସେମାନଙ୍କ ନାମ ପଞ୍ଜୀକରଣ କରି ପାରିବେ।

### ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ଗୁଡ଼ଭେଲା,୩୦।୪(ଡି.ଏନ.ଏ.): ବଲାଙ୍ଗୀର ଜିଲା ତୁଷୁରା କେନ୍ଦ୍ର ସମବାୟ ବ୍ୟାଙ୍କ କୋଷାଧକ୍ଷ ସତ୍ୟନାରାୟଣ ଛତରଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଶନିବାର ବ୍ୟାଙ୍କ ପରିଚାଳକ କିଶୋର ରାଜପୁତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତୁଷୁରା ବ୍ୟାଙ୍କରେ ପ୍ରାୟ ୪ ବର୍ଷ ଧରି କାର୍ଯ୍ୟ କରିବା ସମୟରେ କୋଷାଧକ୍ଷ ଛତରଙ୍କ କାର୍ଯ୍ୟ ପ୍ରଣାଳୀର ପ୍ରଶଂସା କରାଯାଇଥିଲା। ଏହି ଅବସରରେ ତୁଷୁରା ପାକ୍ସ ସମ୍ପାଦକ ଶୁଭେନ୍ଦୁ ପ୍ରକାଶ ଭୋଇ, ସୁପରଭାଇଜର ରଶ୍ମିରଞ୍ଜନ ଯୋଷୀ, ତେନ୍ତୁଳିଖୁଣ୍ଟି ପାକ୍ସ ସମ୍ପାଦକ ବିକାଶ କୁମାର ପ୍ରଧାନ, ରୁଷୁଡା ପାକ୍ସ ସମ୍ପାଦକ କାର୍ତ୍ତିକ ମଲ୍ଲିକ, ଘୁନା ପାକ୍ସ ସମ୍ପାଦକ ରଶ୍ମିରଞ୍ଜନ ବେହେରା, ପ୍ରମୁଖ ଉପସ୍ଥିତ ଥିଲେ। ଗୁଡଭେଲା ପାକ୍ସ ସମ୍ପାଦକ ହିମାଂଶୁ ଶେଖର ଥନାପତି ଧନ୍ୟବାଦ ଅର୍ପଣ କରିଥିଲେ।

# ରାମଲୀଳା ବଲାଙ୍ଗୀରର ସାଂସ୍କୃତିକ ପରିଚୟ

■ସାମାଜିକ ପରମ୍ପରା, ଲୀଳା ନାଟକର ପୁନରୁଦ୍ଧାର କରାଯିବ
■ରାମଜୀ ନାଟ୍ୟ ସଂସଦ ପକ୍ଷରୁ ଖବରଦାତା ସମ୍ମିଳନୀ

ବଲାଙ୍ଗୀର ଅଫିସ, ୩୦।୪

ବଲାଙ୍ଗୀର ଜଗନ୍ନାଥପଡା ମନ୍ଦିର ସମ୍ମୁଖରେ ରାମଜୀ ନାଟ୍ୟ ସଂସଦ ପକ୍ଷରୁ ଶନିବାର ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀ କରାଯାଇ ରାମଲୀଳା ନାଟକର ପୁନରୁଦ୍ଧାର ଏବଂ ବଲାଙ୍ଗୀରର ସାଂସ୍କୃତିକ ଯାତ୍ରା ଉପରେ ସୂଚନା ଦିଆଯାଇଥିଲା। ଲୀଳାଗୁରୁ ବାଳମୁକୁନ୍ଦ ବେହେରା ସୂଚନା ଦେଇଥିଲେ ଯେ, ପ୍ରାୟ ୧୫୦ ବର୍ଷ ପୂର୍ବରୁ ବଲାଙ୍ଗୀରରେ ରାମଜୀ ନାଟ୍ୟ ସଂସଦ ପକ୍ଷରୁ ରାମଲୀଳା ହୋଇଆସୁଛି। ଏହା ବଲାଙ୍ଗୀରର ସାଂସ୍କୃତିକ ପରିଚୟ କହିଲେ ଅତ୍ୟୁକ୍ତି ହେବନାହିଁ। ଏହି ରାମଲୀଳା ବିଭିନ୍ନ କାରଣରୁ ପ୍ରାୟ ୧୮ ବର୍ଷ ଧରି ବନ୍ଦ ରହିଥିଲା। ଏବେ ନୂଆ କଳାକାର ଓ ପୃଷ୍ଠପୋଷକଙ୍କ ଆଗ୍ରହ ଫଳରେ ଏହି ଲୀଳା ନାଟକ ପୁଣି ଥରେ ଆକର୍ଷଣର କେନ୍ଦ୍ର ପାଲଟିଛି। ଏହି ପରମ୍ପରାକୁ ଆଗକୁ ନିଆଯିବ। ଏହାକୁ ବଲାଙ୍ଗୀରର ସାଂସ୍କୃତିକ ପରିଚୟ କରିବା ଦିଗରେ ଆଗକୁ ଉଦ୍ୟମ କରାଯିବ ଓ ଏହାକୁ ବିଶ୍ୱସ୍ତରୀୟ ଯାତ୍ରା ଆକାରରେ ଆୟୋଜନ କରିବା ଦିଗରେ ଉଦ୍ୟମ କରାଯିବ ବୋଲି କହିଥିଲେ। ସଭା ମଞ୍ଚରେ ସଭାପତି ବାସୁଦେବ ବାରିକ, କଳାକାର ପହଲ୍ଲାଦ ଦର୍ଜୀ ମଞ୍ଚାସୀନ ହୋଇ ରାମଜୀ ନାଟ୍ୟ ସଂସଦ ଓ ଜଗନ୍ନାଥପଡାର ସହଭାଗିତାରେ କିଭଳି ରାମଲୀଳା ଆଗକୁ ଆକର୍ଷଣୀୟ କରାଯିବ କହିଥିଲେ। ରାବଣ ଭୂମିକାରେ ଅଭିନୟ କରିଥିବା ଏବଂ ରାମଲୀଳାକୁ ପୁନରୁଦ୍ଧାର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସ୍ତ୍ରୀରୋଗ ଓ ପ୍ରସୂତୀ ବିଭାଗ ବିଶେଷଜ୍ଞ ଡାକ୍ତର ରୁଦ୍ରନାରାୟଣ ପଟେଲଙ୍କୁ ସାଧୁବାଦ ଜଣାଯାଇଥିଲା। ବିଭିନ୍ନ ଭୂମିକାରେ ଅଭିନୟ କରୁଥିବା କଳାକାର, ସହଯୋଗୀ, ବାଦ୍ୟଯନ୍ତ୍ର ସହଯୋଗୀ ଉପସ୍ଥିତ ଥିଲେ। ଶନିବାର ରାବଣ ବଧ ଓ ରବିବାର ରାମ ରାଜ୍ୟାଭିଷେକ ପରେ ରାମଲୀଳା ଉଦ୍‌ଯାପନ ହେବ ବୋଲି ସୂଚନା ଦିଆଯାଇଥିଲା।


ରାମଜୀ ନାଟ୍ୟ ସଂସଦ ପକ୍ଷରୁ ଖବରଦାତା ସମ୍ମିଳନୀରେ ମଞ୍ଚାସୀନ ଲୀଳାଗୁରୁ ଓ ସଂସଦ ସଦସ୍ୟ।

# ଶିକ୍ଷା କ୍ଷେତ୍ରରେ ଉତ୍କର୍ଷ ପାଇଁ ବଲାଙ୍ଗୀର ଜିଲା ପୁରସ୍କୃତ



ଜିଲାପାଳ ଚଞ୍ଚଳ ରାଣା ପୁରସ୍କାର ଗ୍ରହଣ କରୁଛନ୍ତି।

ବଲାଙ୍ଗୀର ଅଫିସ, ୩୦।୪

ଇଣ୍ଡିଆ ଟୁଡେ ଗ୍ରୁପ୍ ପକ୍ଷରୁ ଭୁବନେଶ୍ୱରସ୍ଥିତ କିଟ୍ ଅଡିଟୋରିୟମ୍‌ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲାକୁ ଶିକ୍ଷା କ୍ଷେତ୍ରରେ ଶ୍ରେଷ୍ଠ ଉନ୍ନତ ଜିଲା ଭାବେ ଦର୍ଶାଯାଇ ପୁରସ୍କୃତ କରାଯାଇଛି। ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣା ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ମୁଖ୍ୟଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ସଭାରେ ଉପସ୍ଥିତ ରହି ଜିଲାପାଳ ରାଣାଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଶିକ୍ଷା କ୍ଷେତ୍ରରେ ଉନ୍ନତି ସକାଶେ ବଲାଙ୍ଗୀର ଜିଲା ପ୍ରଶାସନର ଉଦ୍ୟମକୁ ଭୂୟସୀ ପ୍ରଶଂସା କରାଯାଇଥିଲା। ବଲାଙ୍ଗୀର ଜିଲା ଏହି ପୁରସ୍କାର ଲାଭ କରିଥିବାରୁ ଜିଲା ପ୍ରଶାସନ ତରଫରୁ ସମସ୍ତ ଜଲାବାସୀ ଓ ଶିକ୍ଷାକ୍ଷେତ୍ର ସହ ଜଡିତ ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷକ ଓ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଯାଇଛି।

# ୨ସପ୍ତାହ ପରେ ବି ଅଭିଯୋଗର ହେଉନି ତଦନ୍ତ

ମନହୀରା କୃଷି ସମବାୟ ସମିତି
■ଶୋଷିତ ହେଉଛନ୍ତି ଚାଷୀ

ଲୋଇସିଂହା, ୩୦।୪(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ମନହୀରା କୃଷି ସମବାୟ ସମିତିରେ ଚାଷୀମାରଣ ନୀତି ଅବଲମ୍ବନ କରଯାଇଛି। ଏନେଇ ବିଭାଗୀୟ ସହକାରୀ ଉପନିବନ୍ଧକ ଓ ଜିଲାପାଳଙ୍କ ନିକଟରେ ଚାଷୀମାନେ ଫେରାଦ ହୋଇଥିଲେ। ଦୁଇ ସପ୍ତାହ ବିତିଯାଇଥିଲେ ବି ଅଭିଯୋଗର ତଦନ୍ତ କରାଯାଇନାହିଁ। ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନର ସହାୟତାରେ ସମିତିରେ ଦୁର୍ନୀତି ଚାଲିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ସମିତି ସମ୍ପାଦକଙ୍କ କାର୍ଯ୍ୟଶୈଳୀ ବିରୋଧରେ ପ୍ରଶ୍ନ ଉଠିଛି।

ଚାଷୀମାନଙ୍କ ଅଭିଯୋଗ ଅନୁସାରେ ଗତ ଖରିଫ ଋତୁରେ ମନହୀରା ପଞ୍ଚାୟତରେ ମରୁଡି ପରିସ୍ଥିତି ସୃଷ୍ଟି ହୋଇଥିଲା । ୬୦ ପ୍ରତିଶତ ଜମିରେ ଚାଷ ହୋଇ ନ ଥିଲା। ହେଲେ ସମ୍ପାଦକ ସରୋଜ ବେହେରା ନିଜେ ଚାଷୀକାର୍ଡ କରି ଫଲ୍ସ ଏଣ୍ଟ୍ରିରେ ବାହାର ଅଞ୍ଚଳରର ଧାନ ଉଠାଇଛନ୍ତି। ଏଥିସହ ଯେଉଁ ଚାଷୀମାନଙ୍କଠାରୁ ଧାନକିଣା ଯାଇଛି ସେଥିରେ ୪ରୁ ୮କେଜି ପର୍ଯ୍ୟନ୍ତ କଟନୀ କରାଯାଉଛି। ଏପରିକି ସମ୍ପାଦକଙ୍କ ସ୍ତ୍ରୀଙ୍କ ନାମରେ ୨୦୧୮-୧୯ଆର୍ଥିକ ବର୍ଷରେ ୩୫୦କୁଇଣ୍ଟାଲ ଏବଂ ସମ୍ପର୍କୀୟ କେଶବ ଭୋଇଙ୍କ ନାଁରେ ୨୫୦କୁଇଣ୍ଟାଲ ଧାନ କିଣାଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ସେମାନଙ୍କ ନାମରେ ଜମି ନଥାଇ କିପରି ଧାନ କିଣିଗଲା ତାକୁ ନେଇ ଚାଷୀମାନେ ପ୍ରଶ୍ନ ଉଠାଇଛନ୍ତି। ସମିତିରେ ଖରିଫ ଓ ରବିଋତୁରେ ଋଣ ପରିଶୋଧ ନାଁରେ ମହାଜନୀ କାରାବର ଚାଲିଥିବା ବିଭାଗୀୟ ସହକାରୀ ଉପନିବନ୍ଧକ ଓ ଜିଲାପାଳଙ୍କ ନିକଟରେ କରାଯାଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି। ୯୦ପ୍ରତିଶତ ଋଣିଚାଷୀଙ୍କ ଋଣ ସମ୍ପାଦକ ନିଜେ ପରିଶୋଧ କରିଥାନ୍ତି। ସେହି ଚାଷୀଙ୍କ ନୂତନ ଋଣ ଟଙ୍କା ବଢାଇ ସେଥିରୁ ୫ରୁ ୧୦ପ୍ରତିଶତ କମିଶନ କାଟି ରଖୁଥିବା ଭଳି ସଙ୍ଗୀନ ଅଭିଯୋଗ ହୋଇଛି। ଚାଷୀ ନିଜେ ଋଣଟଙ୍କା ପରିଶୋଧ କଲେ ନୂତନ ଋଣ ମଞ୍ଜୁରିରେ ବିଳମ୍ବ କରାଯାଉଛି। ୨୦୧୯-୨୦ ଆର୍ଥିକ ବର୍ଷରେ ମନହୀରାର ଚାଷୀମାନେ ଶସ୍ୟ ବୀମା ପାଇଥିଲେ। ହେଲେ ସମବାୟ ସମିତି କର୍ତ୍ତୃପକ୍ଷଙ୍କ ଅବହେଳାରୁ ୩ ଜଣ ଚାଷୀ ରମ୍ଭା ରଣା, ଇନ୍ଦଭୂଷଣ ରଣା ଏବଂ ସସ୍ମିତା ନନ୍ଦ ଶସ୍ୟବୀମା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏ ସମ୍ପର୍କରେ ସମ୍ପାଦକ ବେହେରାଙ୍କୁ ପଚାରିବାରୁ ଚଳିତବର୍ଷ ଧାନକିଣା ବେଳେ ନିୟମ କଡାକଡି କରାଯିବାରୁ କେତେକ ବେପାରୀ ଏହିପରି ଭିତ୍ତିହୀନ ଅଭିଯୋଗ ଆଣିଛନ୍ତି। ଭାଗଚାଷ ଜମିକୁ ପଞ୍ଜୀକୃତ କରି ସ୍ତ୍ରୀଙ୍କ ନାମରେ ଧାନ କିଣାଯିବା ବେଆଇନ ନୁହେଁ ବୋଲି ସେ କହିଛନ୍ତି।

# ଅଭିଯୁକ୍ତଙ୍କ କୋର୍ଟରେ ଆତ୍ମ ସମର୍ପଣ

ମାରପିଟରେ ଯୁବକଙ୍କ ମୃତ୍ୟୁ ଘଟଣା

ଦେଓଗାଁ,୩୦।୪(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ସାଲେପାଲିରେ ସାମାନ୍ୟ ବଚସାରୁ ମାରପିଟରୁ ଗୁରୁତର ଆହତଙ୍କ ଚିକିତ୍ସାଧିନ ଅବସ୍ଥାରେ ଗୁରୁବାର ରାତିରେ ମୃତ୍ୟୁ ଘଟିଥିଲା। ଘଟଣାର ଅଭିଯୁକ୍ତ ସଞ୍ଜୟ ସାମଲ ଶନିବାର କୋର୍ଟରେ ଆତ୍ମସମର୍ପଣ କରିଛନ୍ତି। ଗତ ୨୪ ତାରିଖରେ ଭିକାରୀ ସାମଲ ନିକଟସ୍ଥ କ୍ଷେତରେ ନିଜ ଗୋରୁ ଚରାଉଥିବା ସମୟରେ ସଞ୍ଜୟଙ୍କ ଆଖୁ କିଆରିରେ ପଶି ଖାଇଥିଲେ। ସଞ୍ଜୟ ଏହା ଜାଣିବା ପରେ ଭିକାରୀଙ୍କ ଘରକୁ ଆସି କ୍ଷତି ପୂରଣ ମାଗିବାରୁ ଉଭୟଙ୍କ ମଧ୍ୟରେ ମାରପିଟ ହୋଇଥିଲା। ଏଥିରେ ଭିକାରୀଙ୍କ ମୁଣ୍ଡରେ ଆଘାତ ଲାଗି ଗୁରୁତର ହୋଇଥିଲେ। ଆହତ ଭିକାରୀଙ୍କ ସ୍ତ୍ରୀ ଦିପାଞ୍ଜଳୀ ସାମଲ ଦେଓଗାଁ ଥାନାରେ ସଞ୍ଜୟ ସାମଲଙ୍କ ନାରେ ଅଭିଯୋଗ କରିଥିଲେ। ଆହତଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ଗୁରୁବାର ରାତିରେ ଭିକାରିଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ପରେ ପରିବାର ଲୋକେ ଶୁକ୍ରବାର ରାତି ପ୍ରାୟ ୧୦ଟାରେ ମୃତଦେହକୁ ଦେଓଗାଁ ଥାନା ସମ୍ମୁଖରେ ରଖି କ୍ଷତିପୂରଣ ଦାବି କରିଥିଲେ। ପୋଲିସ ଏସଆଇ ଜଗତ ଜୀବନ ସା, ମନୋଜ କୁମାର ମୁଣ୍ଡା ପ୍ରମୁଖ ଲୋକଙ୍କୁ ବୁଝାସୁଝା କରିବା ସହ ଅଭିଯୁକ୍ତଙ୍କୁ ଗିରଫ ଓ କ୍ଷତିପୂରଣ ଦିଗରେ ପଦକ୍ଷେପ ନେବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିବାର ଲୋକେ ମୃତକଙ୍କ ସତ୍କାର କରିଥିଲେ।

# ନବଦମ୍ପତିଙ୍କୁ ମରଣାନ୍ତକ ଆକ୍ରମଣ

ଲୋଇସିଂହା,୩୦।୪(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ନେଗିପାଲି ଗ୍ରାମର ଏକ ଦମ୍ପତିଙ୍କୁ ଶନିବାର ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ହୋଇଛନ୍ତି ସୁବାଷ ମହାନନ୍ଦ(୩୫) ଓ ତାଙ୍କ ସ୍ତ୍ରୀ ମୁକ୍ତା ମହାନନ୍ଦ(୨୮)। ସୁବାଷଙ୍କ ଅଭିଯୋଗ ଆଧାରରେ ଲୋଇସିଂହା ଥାନ ପୋଲିସ ଆକ୍ରମଣକାରୀ ଶ୍ରୀକାନ୍ତ ନାଗ ଓ ତାଙ୍କ ଭାଇ ସୁଶାନ୍ତ ନାଗଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ପୋଲିସ ସୂଚନାମତେ, ନେଗିପାଲି ହରିଜନ ବସ୍ତିର ସୁବାଷ ତାମିଲନାଡୁରେ କାମ କରନ୍ତି। ଘରେ ମୁକ୍ତା ଏକୁଟିଆ ରହୁଥିଲେ। ସୁବାଷଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଅନ୍ୟତମ ଅଭିଯୁକ୍ତ ଶ୍ରୀକାନ୍ତ ମୁକ୍ତାଙ୍କୁ ବିଭିନ୍ନ ସମୟରେ ବିନା କାରଣରେ ଗାଳିଗୁଲଜ କରୁଥିଲେ। ସୁବାଷ ଗାଁକୁ ଆସିବା ପରେ ଏ ନେଇ ଶ୍ରୀକାନ୍ତଙ୍କୁ ପଚାରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ କଥାକଟା କଟି ହୋଇଥିଲା। ଉତ୍‌କ୍ଷିପ୍ତ ହୋଇ ଶ୍ରକାନ୍ତ ଓ ସୁଶାନ୍ତ ଏକ ଲୁହାରଡରେ ସୁବାଷଙ୍କୁ ଆକ୍ରମଣ କରିଥିଲେ। ସ୍ୱାମୀକୁ ବଞ୍ଚାଇବାକୁ ଯାଇ ମୁକ୍ତା ବି ଆକ୍ରମଣର ଶିକାର ହୋଇଥିଲେ। ପଡୋଶୀମାନେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଲୋଇସିଂହା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।


ଆକ୍ରମଣର ଶିକାର ଦମ୍ପତି।

# ଭୀଷଣ ଖରାରେ ନବୋଦୟ ପରୀକ୍ଷା

୭୬ ପରୀକ୍ଷାର୍ଥୀ ଅନୁପସ୍ଥିତ

ଲୋଇସିଂହା,୩୦।୪(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକର ୩ଟି କେନ୍ଦ୍ରରେ ନବୋଦୟ ପରୀକ୍ଷା ଶନିବାର ଅନୁଷ୍ଠିତ ହୋଇଯାଇଛି। ଭୀଷଣ ଖରା ଯୋଗୁ ୪୬୧ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭୬ଜଣ ଅନୁପସ୍ଥିତ ରହିଥିଲେ। ଲୋଇସିଂହା ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୧୪୪ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୧୭ଜଣ ପରୀକ୍ଷା ଦେଇଥିଲେ।୨୭ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ସ୍ଥାନୀୟ ହରେକୃଷ୍ଣ ମହତାବ ହାଇସ୍କୁଲ କେନ୍ଦ୍ରରେ ୧୪୪ପରୀକ୍ଷାର୍ଥୀ ମଧ୍ୟରୁ ୨୬ ଜଣ ଅନୁପସ୍ଥିତ ଥିଲେ। ଝାରମୁଣ୍ଡା ଆଦର୍ଶ ବିଦ୍ୟାଳୟରେ ୧୭୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୫୦ଜଣ ପରୀକ୍ଷା ଦେଇଥିଲେ। ୨୩ ଜଣ ଅନୁପସ୍ଥିତ ଥିଲେ। ବାଳିକା ଉଚ୍ଚବିଦ୍ୟାଳକୁ ଏବିଓ ବ୍ୟାସଦେବ ରାଏ, ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୀନା ବେହେରା ହରେକୃଷ୍ଣ ମହତାବ ଓ ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ପୂର୍ବାହ୍ନ ସାଢେ ୧୧ ଟାରୁ ଅପରାହ୍ନ ସାଢେ ୧ଟା ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ପିଲାଙ୍କୁ ପରୀକ୍ଷା କରିବାକୁ ଆଣିଥିବା ଅଭିଭାବକ କେନ୍ଦ୍ର ବାହାରେ ଖରାରେ ଶିଝିଥିଲେ। ଏହାକୁ ନେଇ ଅଭିବାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।


ଲୋଇସିଂହା ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦ୍ର ପରିସରରେ ପରୀକ୍ଷାର୍ଥୀ।

# ବେହେରାମାଲରେ ସଶସ୍ତ୍ର ଡକାୟତି

ବନ୍ଧୁକ ଦେଖାଇ ଟଙ୍କା, ସୁନା ଲୁଟିଲେ

ଉଲୁଣ୍ଡା,୩୦।୪(ଡି ଏନ ଏ )

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ଅନ୍ତର୍ଗତ ବେହେରାମାଲ ଗ୍ରାମରେ ଡକାୟତି ହୋଇଛ। ଡକାୟତମାନେ ଘରେ ପଶି ବନ୍ଧୁକ ଦେଖାଇ ଟଙ୍କା, ସୁନା ଲୁଟିନେଇଥିବା ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁସାରେ ଶୁକ୍ରବାର ରାତି ପ୍ରାୟ ୯ଟାରେ ଉକ୍ତ ଗ୍ରାମର ଗୁରେଖ ବେହେରା ଘରେ ଖାଉଥିବା ବେଳେ ତାଙ୍କ ଝିଅ ଘର ବାହାରେ ପଢୁଥିଲେ। ଏହି ସମୟରେ ଚାରି ଜଣ ବ୍ୟକ୍ତି ହେଲମେଟ ଏବଂ ମୁଖା ପିନ୍ଧି ଆସି ପେଟ୍ରୋଲ କେଉଁଠି ମିଳିବ ବୋଲି ପଚାରିଥିଲେ। ଝିଅଟି ତାଙ୍କ ବାପାଙ୍କୁ ପଚାରିବା ପାଇଁ ଘର ଭିତରକୁ ଗଲା ପରେ ଦୁର୍ବୃତ୍ତମାନେ ଘରେ ପସି ଯାଇ ଗୁରେଖକୁ ମାଡ଼ ମାରିବା ସହ ଟଙ୍କା ମାଗିଥିଲେ। ପରେ ପରିବାରର ସମସ୍ତଙ୍କୁ ଏକ କୋଠରିରେ ବନ୍ଦ କରିଦେଇଥିଲେ। ଗୁରେଖଙ୍କ ଅସୁସ୍ଥ ଥିବାରୁ କହିବାରୁ ଡକାୟତମାନେ ତାଙ୍କୁ ବାହାରକୁ ଛାଡି ଅନ୍ୟ ସମସ୍ତଙ୍କୁ ଘର ଭିତରେ ବନ୍ଦ କରିଦେଇଥିଲେ। ପରେ ତାଙ୍କୁ ବନ୍ଧୁକ ଦେଖାଇ ଘରେ ଥିବା ନଗଦ ୨୬ହଜାର, ଗୋଟିଏ ମଙ୍ଗଳସୂତ୍ର ଓ ସୁନା ଏବଂ ଗୋଟିଏ ମୋବାଇଲ ଧରି ଫେରାର ହୋଇଯାଇଥିଲେ। ଗୁରେଖଙ୍କ ଅଭିଯୋଗ ଆଧାରରେ ଏକ ମାମଲା (୭୩/୨୨)ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ଜିଲାପାଳଙ୍କ କ୍ଷୁଦ୍ରଶସ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ପରିଦର୍ଶନ

ନୂଆପଡ଼ା ଅଫିସ,୩୦।୪

ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଓ ଜିଲା ପ୍ରଶାସନର ମିଳିତ ଉଦ୍ୟମରେ ପ୍ରାୟ ୧୧୦.୩୧ ଲକ୍ଷ ବ୍ୟୟ ଅଟକଳରେ କୋମନା ବ୍ଲକ ଇଛାପୁର ଗାଁରେ ନିର୍ମାଣାଧିନ କ୍ଷୁଦ୍ରଶସ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗକୁ ନୂଆପଡ଼ା ଜିଲାପାଳ ସ୍ୱାଧାଦେବ ସିଂ ପରିଦର୍ଶନ କରିଛନ୍ତି। ନୂଆପଡା ଜିଲାରେ ଅନେକ ପ୍ରକାର କ୍ଷୁଦ୍ରଶସ୍ୟ ମାଣ୍ଡିଆ, ଗୁରୁଜି, କୋଦୋ, କାଙ୍ଗ, ସୁଆଁ, ବାଜରା ଆଦି ଉତ୍ପାଦନ ହୋଇଥାଏ। ଆକାଂକ୍ଷା ଯୋଜନା ମାଧ୍ୟମରେ ମିଲେଟ ମିଶନ ଜରିଆରେ ଏହି କ୍ଷୁଦ୍ରଶସ୍ୟର ଉତ୍ପାଦନ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହି କାର୍ଯ୍ୟକ୍ରମରେ କାର୍ଯ୍ୟ ନିର୍ବାହୀ ସଂସ୍ଥା ଭାବରେ କୋମନା ବ୍ଲକର କେନ୍ଦୁଭଟା ସ୍ଥିତ ସିପିଏମଡ୍ଲ୍ୟୁ କାର୍ଯ୍ୟ କରୁଛି। କୋମନା, ସିନାପାଲି ସମେତ ବୋଡେନ ବ୍ଲକରେ କ୍ଷୁଦ୍ରଶସ୍ୟର ଉତ୍ପାଦନ ବୃଦ୍ଧି ପାଇଛି। ଜିଲାର ଆଦିବାସୀ ତଥା କୃଷକଙ୍କ ଉତ୍ପାଦିତ ଦ୍ରବ୍ୟର ବଜାରୀକରଣ କରିବା ଉଦ୍ଦେଶ୍ୟ ନେଇ କ୍ଷୁଦ୍ରଶସ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ନିର୍ମାଣ କରାଯାଇଛି। ଜିଲାର ଆଦିବାସୀମାନେ କେବଳ ଖାଇବା ପାଇଁ ଏହି କ୍ଷୁଦ୍ରଶସ୍ୟ ଉତ୍ପାଦନ କରୁଥିଲେ। ବର୍ତ୍ତମାନ ସେମାନେ ବ୍ୟବସାୟ ଉଦ୍ଦେଶ୍ୟରେ ଏହି ଶସ୍ୟ ଉତ୍ପାଦନ କରିବେ। ତେଣୁ ତାଙ୍କ ଶସ୍ୟକୁ ବଜାରରେ ଉପଯୁକ୍ତ ମୂଲ୍ୟ ଦେବା ପାଇଁ ନିଶ୍ଚିତ ରୂପେ ପ୍ରକ୍ରିୟା କରଣଉଦ୍ୟୋଗର ଆବଶ୍ୟକତା ରହିଛି। ଅଣସରକାରୀ ସଂସ୍ଥା ସିପିଏମଡ୍ଲ୍ୟୁ ସହାୟତାରେ ଓଡିଶା ମିଲେଟମିଶନକୁ କୋମନା ବ୍ଲକରେ କାର୍ଯ୍ୟକାରୀ କରାଇବା ସହ କୃଷକଙ୍କୁ ନେଇ ଏକ କୃଷକ ଉତ୍ପାଦନକାରୀ କମ୍ପାନୀ ମା' ସୁନାଦେଇ ଏଫ୍‌ପିଓ ଖୋଲାଇଛନ୍ତି। କୃଷକମାନଙ୍କ କ୍ଷୁଦ୍ରଶସ୍ୟ ଉତ୍ପାଦନ ସାଇତି ରଖିବା ପାଇଁ ଗୋଦାମ ମଧ୍ୟ ନିର୍ମାଣ ହେଉଛି। ଜିଲାପାଳ ନିର୍ମାଣ କାର୍ଯ୍ୟ ସମୀକ୍ଷା ସମୟରେ ସହ କୃଷି ଅଧିକାରୀ ହିମାଂଶୁ ମହାପାତ୍ର, ସିପିଏମଡ୍ଲ୍ୟୁ ମୁଖ୍ୟ ବିରଞ୍ଚି ନାରାୟଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଗୁପ୍ତଧନ ଆଶାରେ ବାପାଙ୍କୁ ବଳି ଉଦ୍ୟମ

■ସଚେତନତା ଆଗରେ ଭାରି ପଡୁଛି ଅନ୍ଧବିଶ୍ୱାସ
■ଅଭିଯୁକ୍ତ ପୁଅ ସହ ତାନ୍ତ୍ରିକ କୋର୍ଟ ଚାଲାଣ

ଭବାନୀପାଟଣା,୩୦।୪(ସ୍ୱ.ପ୍ର.)

ଏବେ ବି ଲୋକଙ୍କ ମନରେ ଅନ୍ଧବିଶ୍ୱାସ ରହିଛି। ଗୁପ୍ତଧନ ପାଇବା ଆଶାରେ ଜଣେ ବ୍ୟକ୍ତି ନିଜ ବୃଦ୍ଧ ବାପାଙ୍କୁ ବଳିଦେବାକୁ ଉଦ୍ୟମ କରିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। କଳାହାଣ୍ଡି ଜିଲା ଜୟପାଟଣା ଥାନା ବେଲପଡ଼ାରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ଏପଟେ ଖବର ପାଇ ସମ୍ପୃକ୍ତ ବୃଦ୍ଧଙ୍କୁ ଉଦ୍ଧାର କରିବାକୁ ଯାଇଥିବା ପୋଲିସକୁ ଲହୁଲୁହାଣ ହେବାକୁ ପଡିଛି। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ପୁଅ ଲିଙ୍ଗରାଜ ଭୋଇ (୪୦) ଓ ତାନ୍ତ୍ରିକ ଚିତ୍ରସେନ ରଣାଙ୍କୁ ଗିରଫ କରି ଶନିବାର ସ୍ଥାନୀୟ ଜେଏମ୍‌ଏଫ୍‌ସି କୋର୍ଟ ଚାଲାଣ କରିଛି।

ମିଳିଥିବା ସୂଚନା ଅନୁଯାୟୀ, ବେଲପଡାର ବଳଦେବ ଭୋଇ(୭୦)ଙ୍କ ପୁଅ ହେଉଛନ୍ତି ଲିଙ୍ଗରାଜ। ଗୁପ୍ତଧନ ପାଇବା ଆଶାରେ ଲିଙ୍ଗରାଜ ରାଜପୁର ଗ୍ରାମର ଚିତ୍ରସେନ ରଣା ନାମକ ଜଣେ ତାନ୍ତ୍ରିକଙ୍କ ସହାୟତାରେ ଶୁକ୍ରବାର ତାଙ୍କ ବାପାଙ୍କୁ ନୂଆ ଲୁଗା ପିନ୍ଧାଇ ବେକରେ ଫୁଲମାଳ ପକାଇ ବଳିଦେବାକୁ ଉଦ୍ୟମ କରୁଥିଲେ। ପଡାର ଲୋକେ ଏହା ଦେଖିବା ପରେ ସେମାନଙ୍କ ମନରେ ସନ୍ଦେହ ଉପୁଜିଥିଲା। ସେମାନେ ଘଟଣା ସମ୍ପର୍କରେ ସ୍ଥାନୀୟ କଲମପୁର ଫାଣ୍ଡି ପୋଲିସକୁ ସୂଚନା ଦେଇଥିଲେ। ଫଳରେ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ବଳଦେବଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରିଥିଲା। ହେଲେ ଲିଙ୍ଗରାଜ ଏକ ମାରଣାସ୍ତ୍ରରେ ପୋଲିସ କର୍ମଚାରୀଙ୍କୁ ଗୋଡ଼ାଇ ଆକ୍ରମଣ କରିଥିଲେ। ଏଥିରେ ସ୍ଥାନୀୟ ଗ୍ରାମରକ୍ଷୀ ଗଙ୍ଗାରାମ ବାଗ ଆହତ ହୋଇଥିଲେ। ପରେ ଜୟପାଟଣା ପୋଲିସ ଏସ୍‌ଆଇ ବିନୟ ବରାଲ,ଏସ୍.ଏନ୍. ପାତ୍ର, ନୀତି ଚତୁର୍ବେଦୀ, କଲମପୁର ଫାଣ୍ଡି ଅଧିକାରୀ ବିପିନ କିଶୋର ଝରିଆ ପ୍ରମୁଖ ପହଞ୍ଚି ବଳଦେବଙ୍କୁ ଉଦ୍ଧାର କରିଥିଲେ। ପରେ ପୋଲିସ ଅଭିଯୁକ୍ତ ପୁଅ ଲିଙ୍ଗରାଜ ଓ ତାନ୍ତ୍ରିକ ଚିତ୍ରସେନଙ୍କୁ ଧରି ଜୟପାଟଣା ଥାନାକୁ ନେଇଥିଲା। ଅପରପକ୍ଷରେ ବଳଦେବଙ୍କୁ ଚିକିତ୍ସା ଲାଗି କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ଏହି ଘଟଣାରେ ଜୟପାଟଣା ପୋଲିସ ଏକ ମାମଲା (ନଂ.୧୪୧/୨୨) ରୁଜୁକରି ତଦନ୍ତ ଚଳାଇଛି।



ଅଭିଯୁକ୍ତ ଲିଙ୍ଗରାଜଙ୍କ ସହ ତାନ୍ତ୍ରିକଙ୍କୁ କୋର୍ଟ ଚାଲାଣ କରାଯାଉଛି।

## ୪ ବଖରା ଜଳିଗଲା

ବାଉଁଶୁଣୀ,(ଡି.ଏନ.ଏ.): ବୌଦ୍ଧ ବ୍ଲକ ଅନ୍ତର୍ଗତ ଗ୍ରାମ ପଞ୍ଚାୟତ ଗୋଛାପଡା ଗ୍ରାମରେ ଶନିବାର ଅପରାହ୍ନରେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ଗୋଟିଏ ପରିବାରର ୪ ବଖରା ଭସ୍ମୀଭୂତ ହୋଇଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ଗୋଛାପଡା ଗ୍ରାମର ରବି ବାଘଙ୍କ ଘରେ କୌଣସି କାରଣରୁ ନିଆଁ ଲାଗି ଯାଇଥିଲା । ଫଳରେ ଘରେ ଥିବା ଧାନ, ଚାଉଳ, ଘରକରଣା ଆସବାବପତ୍ର ପୋଡିଯାଇଛି । ଏହାଛଡା ନିଆଁରେ ପୋଡି ଯାଇ ୪ ଗୋଟି ଛେଳିର ମୃତ୍ୟୁ ଘଟିଛି । ଖବରପାଇ ବାଉଁଶୁଣୀ ଓ ବୌଦ୍ଧରୁ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଖବରପାଇ ସରପଞ୍ଚ ପ୍ରେମାନନ୍ଦ ବାଘ ପହଞ୍ଚି ଅଗ୍ନିବିପନ୍ନ ପରିବାରକୁ ଶୁଖିଲା ଖାଦ୍ୟ ପ୍ରଦାନ କରିଛନ୍ତି।

## ସଂକ୍ଷେପରେ

### ସନ୍ତୋଷ ପ୍ରଧାନଙ୍କୁ ସ୍ୱର୍ଣ୍ଣ ପଦକ



ବରଗଡ଼ ଅଫିସ୍,୩୦।୪: ଦିଲ୍ଲୀର ତ୍ୟାଗରାଜ ଷ୍ଟାଡ଼ିୟମରେ ଚାଲିଥିବା ଖେଲୋ ଇଣ୍ଡିଆ ମାଷ୍ଟର୍ସ ଗେମ୍ସ କ୍ରୀଡ଼ା ପ୍ରତିଯୋଗିତାରେ ବରଗଡ଼ର ସନ୍ତୋଷ ପ୍ରଧାନଙ୍କୁ ଶନିବାର ସ୍ୱର୍ଣ୍ଣପଦକ ମିଳିଛି। ସେ ଲମ୍ଫଡ଼ିଆଁରେ ଭାଗ ନେଇ ପ୍ରତିଯୋଗିତାର ପ୍ରଥମ ଦିବସରେ ଏହି କୃତିତ୍ୱ ଅର୍ଜନ କରିଛନ୍ତି। ତାଙ୍କର ଏହି ସଫଳତା ଜଣାପଡିବା ପରେ ବରଗଡ଼ ଜିଲାରେ ଖୁସିର ଲହରୀ ଖେଳିଯାଇଛି। ସନ୍ତୋଷ ବରଗଡ଼ ଜିଲା ସରଲା ଗ୍ରାମର ବାସିନ୍ଦା ଏବଂ ସେ ବରଗଡ଼ ଜିଲା ପୋଲିସ ବିଭାଗରେ କାର୍ଯ୍ୟରତ ଅଛନ୍ତି ।

### ଚେରୁପାଲି ବସ୍‌ଷ୍ଟାଣ୍ଡ, ବଡ ନୂଆଁପାଲିରେ ଲାଗିଲା ଷ୍ଟ୍ରିଟଲାଇଟ

ଡୁଙ୍ଗୁରିପାଲି,୩୦।୪(ଡ.ଏନ.ଏ .): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଚେରୁପାଲି ବସ୍‌ଷ୍ଟାଣ୍ଡ, ଖୁସାମାଲ ଗାଁ ଓ ବଡ଼ନୁଆଁପାଲିରେ ଷ୍ଟ୍ରିଟ ଲାଇଟ ଲାଗିଛି। ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ମୁତାବକ ଶନିବାର ଏହି ଲାଇଟ ଲଗାଯାଇଥିବା କହିଛନ୍ତି ନବ ନିର୍ବାଚିତ ସରପଞ୍ଚ ଦିଲୀପ କୁମାର ଶତପଥୀ। କେନ୍ଦ୍ରୀୟ ଅର୍ଥ କମିଶନ(ସିଏଫସି) ଫଣ୍ଡରୁ ଚେରୁପାଲିରେ ୧୦, ଖୁସମାଲରେ ୧୦ ଓ ବଡ଼ନୁଆଁପାଲିରେ ୮ଟି ଷ୍ଟ୍ରିଟ ଲାଇଟ ଲଗାଯାଇଥିବା ସରପଞ୍ଚ ଶତପଥୀ ପ୍ରକାଶ କହିଛନ୍ତି। ଷ୍ଟ୍ରିଟ ଲାଇଟ ଲାଗିବା ପରେ ରାସ୍ତାରେ ଲୋକେ ରାତିରେ ସହଜରେ ଯିବା ଆସିବା କରି ପାରିବେ ଓ ଚୋରି ଆଦି ଘଟଣା ହ୍ରାସ ପାଇବ ବୋଲି ଆଶା କରାଯାଉଛି।

### ମୃତ୍ୟୁ ପରେ ଶିଶୁକନ୍ୟାଙ୍କୁ ଭସାଇଦେଲି

**ପରିଚୟ ମିଳିବା ପରେ ବାପାଙ୍କ ବୟାନ**

ବରଗଡ଼ ଅଫିସ୍,୩୦।୪: ବରଗଡ଼ ସହର ଉପକଣ୍ଠ ଖେଦାପାଲି (ଟୁକୁର୍ଲା) ସ୍ଥିତ ଜିଲା ମୁଖ୍ୟ ଡାକ୍ତରଖାନା ପଛପଟ ପୋଖରୀରୁ ଶୁକ୍ରବାର ମିଳିଥିବା ନବଜାତ ଶିଶୁକନ୍ୟାର ପରିଚୟ ମିଳିଛି। ସେହି ମୃତଦେହ ଜିଲାର ଘେଁସ ନିକଟ ଝର ଗ୍ରାମର ଗୁଣନିଧି ସାହୁଙ୍କ ଶିଶୁକନ୍ୟା ବୋଲି ଜଣାପଡ଼ିଛି। ଗୁଣନିଧି ନିଜେ ଶନିବାର ଏହା ସ୍ୱୀକାର କରିବା ସହିତ ମୃତ୍ୟୁ ପରେ ଶିଶୁକନ୍ୟାକୁ ସେହି ପୋଖରୀରେ ଭସାଇ ଦେଇଥିଲେ ବୋଲି କହିଛନ୍ତି। ଘଟଣାକୁ ନେଇ ସେ ମଧ୍ୟ ବହୁତ ଦୁଃଖିତ ବୋଲି ପ୍ରକାଶ କରିଛନ୍ତି। ପୋଲିସ ଉଦ୍ଧାର କରିଥିବା ମୃତ ଶିଶୁକନ୍ୟାକୁ ତାଙ୍କୁ ହସ୍ତାନ୍ତର କରିଥିଲେ ଏବଂ ବ୍ୟବଚ୍ଛେଦ ପରେ ତାକୁ ପୋତି ଦେବା ପାଇଁ ପରାମର୍ଶ ଦେଇଥିଲେ। ତେବେ ନବଜାତ ତଥା ମୃତ ଶିଶୁକନ୍ୟା ପ୍ରତି ଜଣେ ବାପାଙ୍କ ସେଭଳି ମାନସିକତା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

### ଆଜି ସରିବ ପଦ୍ମପୁର ଲୋକ ମହୋତ୍ସବ



ପଦ୍ମପୁର,୩୦।୪(ଡି.ଏନ.ଏ): ବରଗଡ଼ ଜିଲା ପଦ୍ମପୁର ଅଶୋକ ପଡିଆରେ ପଦ୍ମପୁର ଲୋକ ମହୋତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଟାଉନ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟ ଅତିଥି, ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ, ପଦ୍ମପୁର ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇ, ଗୋବିନ୍ଦ ଅଗ୍ରୱାଲ, ଟାଉନ କ୍ଲବ ସଭାପତି ଶିରିଶ ବହିଦାର, ବ୍ୟଙ୍ଗ କବି ମନୋରଞ୍ଜନ ସାହୁ, ଡିଏଫଓ ବାସି ବାର୍‌ଲା, ପ୍ରତାପ ମିଶ୍ର, ଲାଲ ବିହାରୀ ମିଶ୍ର, କୁନାଲ ପାଣିଗ୍ରାହୀ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଅଶୋକ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ରାଜ୍ୟ ତଥା ରାଜ୍ୟ ବାହାର କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହେବ ବୋଲି ଜଣାପଡିଛି।

# ମୁଣ୍ଡ ଟେକିଲା ଆନ୍ଦୋଳନ

ବରଗଡ଼ ଅଫିସ୍,୩୦।୪

ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ା ସ୍ଥିତ ଟୋଲ୍ ପ୍ଲାଜାରେ ଟୋଲ୍ ଟ୍ୟାକ୍ସ ଅସୁଲିକୁ ନେଇ ପୁଣି ଅସନ୍ତୋଷ ପ୍ରକାଶ ପାଇଛି। ରାସ୍ତା ନିର୍ମାଣକାରୀ ସଂସ୍ଥା ଅଶୋକା ବିଲ୍‌କନ୍ ଫୋରଲେନ୍ ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ କରିସାରି ନ ଥିବାବେଳେ ଜୋର୍‌ଜବରଦସ୍ତ ଟୋଲ୍ ଟ୍ୟାକ୍ସ ଅସୁଲ କରୁଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ପୁଣି ଏକ ଆନ୍ଦୋଳନ ମୁଣ୍ଡ ଟେକିଛି। ଏହି କ୍ରମରେ ଶନିବାର ବରଗଡ଼ର ଏକ ହୋଟେଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଆସନ୍ତା ମେ ୫ତାରିଖରେ ସ୍ଥାନୀୟ ନ୍ୟାଶନାଲ ହାଇୱେ ୟୁଜର୍ସ ଫୋରମ ନେତୃତ୍ୱରେ ବରଗଡ଼ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ ସହିତ ଟୋଲ ପ୍ଲାଜାରେ ପ୍ରତୀକ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନିଆଯାଇଛି।

ଫୋରମ୍‌ର ଆବାହକ ଇଂ. ଦେବବ୍ରତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଉକ୍ତ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସହ ଆବାହକ ଶେକ୍ ନଜିମୁଦ୍ଦିନ, ସୁଶାନ୍ତ ଦାଶ, ଭୂପିନ୍ଦର ପଟେଲ, ସତ୍ୟକେତନ ମହାନ୍ତିଙ୍କ ସମେତ ଜିଲାର ବରଗଡ଼, ଅତାବିରା, ସୋହେଲା, ବିଜେପୁର ଆଦି ଅଞ୍ଚଳର ଯାନବାହନ ସଂସ୍ଥା, ବ୍ୟବସାୟୀ ସଂସ୍ଥା, ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ବେଆଇନ ଟୋଲ୍ ଟ୍ୟାକ୍ସ ଅସୁଲିକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଫୋରମର ଆବାହକ ମିଶ୍ର କହିଥିଲେ, ଅଶୋକା ବିଲକନ ଏପର୍ଯ୍ୟନ୍ତ ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ କରିନାହିଁ। ଯେଉଁ ରାସ୍ତା ହୋଇଛି, ତାହା ଟୋଲ୍ ଷ୍ଟାଣ୍ଡାର୍ଡ଼ ହୋଇ ନାହିଁ। ବିକାଶ ଛକ, ହଳଦୀପାଲି ଛକରେ ଅଣ୍ଡରପାସ୍, ଅତାବିରା, ସୋହେଲା ଆଦି ସ୍ଥାନରେ ସର୍ଭିସ ରୋଡ୍ ମଧ୍ୟ ନିର୍ମାଣ କରାଯାଇନାହିଁ। ସେହିପରି ରାଜ୍ୟ ସରକାର ଉକ୍ତ ଟୋଲ୍ ପ୍ଲାଜାକୁ ବେଆଇନ ଘୋଷଣା କରିସାରିଥିବାବେଳେ ନିର୍ମାଣ ହୋଇଥିବା ରାସ୍ତା ମଧ୍ୟ ଗାଡ଼ି ଚାଳନା ଯୋଗ୍ୟ ହୋଇନାହିଁ। ଅନ୍ୟପଟେ ଅଶୋକା ବିଲ୍‌କନ୍ ଟୋଲ ଟ୍ୟାକ୍ସ ଅସୁଲି କରି ଚାଲିଛି। ଏହି ପରିପ୍ରେକ୍ଷୀରେ ଜିଲାପାଳଙ୍କ ଅଫିସରେ ଗତବର୍ଷ ବୈଠକ ହୋଇ ଫୋରମ ପକ୍ଷରୁ ଉକ୍ତ ସୂଚନା ଦିଆଯାଇଥିଲା। ଏହା ସହିତ ଗତବର୍ଷ ଜାନୁୟାରୀ ୫ତାରିଖରେ ବରଗଡ଼ ଜିଲାପାଳଙ୍କୁ ଫୋରମ ପକ୍ଷରୁ ଏକ ପତ୍ର ଲେଖି ସ୍ପଷ୍ଟୀକରଣ ମଗାଯାଇଥିଲା। ମାତ୍ର ଏପର୍ଯ୍ୟନ୍ତ ଜିଲାପାଳଙ୍କଠାରୁ ସେ ନେଇ କିଛି ସ୍ପଷ୍ଟୀକରଣ ମିଳିପାରିନାହିଁ। ଅନ୍ୟପଟେ ଟୋଲ୍ ପ୍ଲାଜା କର୍ତ୍ତୃପକ୍ଷ ବେଆଇନ ଭାବେ ଟୋଲ ଟ୍ୟାକ୍ସ ଅସୁଲି କରାଯାଉଥିବା ମିଶ୍ର ଅଭିଯୋଗ କରିଛନ୍ତି। ଟୋଲ୍ ପ୍ଲାଜା କର୍ତ୍ତୃପକ୍ଷଙ୍କ ଏଭଳି ମନମାନିକୁ ବରଦାସ୍ତ କରାଯିବ ନାହିଁ ଏବଂ ଏହାର ଦୃଢ଼ ପ୍ରତିବାଦ କରାଯିବ ବୋଲି ସହ ଆବାହକ ଶେକ୍ ନଜିମୁଦ୍ଦିନ କହିଛନ୍ତି।



ବୈଠକରେ ହାଇୱେ ୟୁଜର୍ସ ଫୋରମର କର୍ମକର୍ତ୍ତାବୃନ୍ଦ।

**ଟୋଲ୍ ଅସୁଲିକୁ ବିରୋଧ**

- ୫ରେ ଟୋଲପ୍ଲାଜାରେ ଧାରଣା
- ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ
- ଦାବି ନ ମାନିଲେ ବଡ଼ ଆନ୍ଦୋଳନ

## ବୀମା ରିଜେକ୍ଟ, ଆନ୍ଦୋଳନମୁହାଁ ଚାଷୀ

ପଦ୍ମପୁର,୩୦।୪ (ଡି.ଏନ.ଏ)

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡରେ ଗତବର୍ଷ ଭୟଙ୍କର ମରୁଡ଼ିର ଶୀକାର ହୋଇ ଚାଷୀଙ୍କ ଆର୍ଥିକ ସ୍ଥିତି ଦୋହଲିଯାଇଛି। ଏହି କ୍ରମରେ ଚାଷୀମାନେ ଫସଲ ବୀମା ରାଶି ପାଇବା ପାଇଁ ସମ୍ପୂର୍ଣ୍ଣ ଆଶାବାଦୀ ଥିଲେ। କିନ୍ତୁ ଶେଷରେ ସେହି ଆଶା ମଉଳି ଯାଇଛି। ଉପଯୁକ୍ତ ସମୟରେ ଚାଷୀମାନେ ଆବଶ୍ୟକ କାଗଜାତ ଓ ପ୍ରିମିୟମ ଜମା ଦେଇଥିଲେ ମଧ୍ୟ ବୀମା କମ୍ପାନୀ ଗ୍ରହଣ କରିନାହିଁ। ଶନିବାର ବରଗଡ ଜିଲାର ମୋଟ ୬୩,୪୬୮ଚାଷୀଙ୍କ ବୀମା ଆବେଦନକୁ ଅନୁମୋଦନ ନ କରି ରିଜେକ୍ଟ କରିଦେଇଛି । ଫଳରେ ଚାଷୀମାନେ ବୀମା ରାଶି ପାଇବାରୁ ବଞ୍ଚିତ ହେବା ନିଶ୍ଚିତ ହୋଇଯାଇଛି। ବିଭିନ୍ନ ସମୟରେ ବୀମା ପ୍ରସଙ୍ଗ ନେଇ ସେମାନେ ଦାବି ଓ ଆନ୍ଦୋଳନ କରିଆସୁଥିବା ବେଳେ ଆଜିର ରିଜେକ୍ଟ ପ୍ରସଙ୍ଗ ଚାଷୀଙ୍କୁ ଆନ୍ଦୋଳନମୁହାଁ କରିଛି।

## କୌଡିଆମୁଣ୍ଡା ଗ୍ରାମ୍ୟ ଜଙ୍ଗଲରେ ନିଆଁ

ବିନିକା,୩୦।୪(ଡି.ଏନ୍.ଏ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ କୌଡିଆମୁଣ୍ଡା ଗ୍ରାମୀଣ ଜଙ୍ଗଲରେ ଶନିବାର ନିଆଁ ଲାଗଛି । ଏଥିସହିତ ଗଣେଶପୁର ମୌଜାର ଏକ ବାଉଁଶ ବୁଦାରେ ଲାଗିଥିବା ନିଆଁକୁ ବିନିକା ଦମକଳ ବାହିନୀ ଆୟତ୍ତ କଲାବେଳକୁ ୭୦ଭାଗ ପୋଡି ଯାଇଛି। କୌଡିଆମୁଣ୍ଡା ଗ୍ରାମ୍ୟ ଜଙ୍ଗଲରେ ନିଆଁ ଲାଗି ବହୁ ମୂଲ୍ୟବାନ ଗଛ ପୋଡି ଯାଇଥିବା ବିନିକା ଅଗ୍ନିଶମ ଅଧିକାରୀ ପ୍ରକାଶ କରିଛନ୍ତି। ଫରେଷ୍ଟର ମିତ୍ରଭାନୁ ସିଂ ଦଳପତିଙ୍କୁ ପଚାରିବାରୁ କେତେକ ଖଳ ପ୍ରକୃତିର ଲୋକେ ଜଙ୍ଗଲରେ ନିଆଁ ଲଗାଉଛନ୍ତି। ବନ ବିଭାଗ ଲାଗିଥିବା ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରୁଛି। ସକାଳ ୧୦ଟାରୁ ରାତି ଯାଏ ପାଟ୍ରୋଲିଂ କରାଯାଉଛି। ତଥାପି କେତେକ ଅସାମାଜିକ ବ୍ୟକ୍ତିଙ୍କ ଯୋଗୁ ଜଙ୍ଗଲ ନିଆଁକୁ ଆୟତ୍ତ କରିବା କଠିନ ହେଉଛି ବୋଲି ସେ କହିଛନ୍ତି।

## ଭିଜିଲାନ୍ସ ଧରିଲା ଚୋରାକାଠ ଚାଲାଣ

ବରଗଡ଼ ଅଫିସ୍,୩୦।୪

ଭିଜିଲାନ୍ସର ଫରେଷ୍ଟ ୱିଙ୍ଗ୍ ଶନିବାର ବରଗଡ଼ ଜିଲା ଭଟଲି ଥାନା ବଡ଼ମାଳରେ ଚୋରାକାଠ ଚାଲାଣ ବେଳେ ଧରିଛି। କାଠଚାଲାଣ କରୁଥିବା ପିକ୍‌ଅପ୍ ଭ୍ୟାନ୍ (ନଂ.ସିଜି୧୩ଏଜେ/ ୦୮୦୪)କୁ ଜବତ କରାଯାଇଛି। ସେଥିରେ ଥିବା ୫୫.୭୯୭ ସିଏଫ୍‌ଟି କାଠକୁ ଜବତ କରାଯାଇଛି। ଜବତ ସାମଗ୍ରୀର ମୂଲ୍ୟ ୩ଲକ୍ଷ ୯୦ହଜାର ଟଙ୍କା ହେବ ବୋଲି ଆକଳନ କରାଯାଇଛି। ସେହିପରି ଗାଡ଼ି ଡ୍ରାଇଭରଙ୍କୁ ଗିରଫ କରାଯାଇଛି। ଏ ନେଇ ବରଗଡ଼ ଫରେଷ୍ଟ ଡିଭିଜନରେ ଏକ ମାମଲା (ନଂ.ଓଆର ନଂ-୦୪/୨୨-୨୩) ରୁଜୁ ହୋଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

## ପ୍ରାଣୀ ଚିକିତ୍ସା ସେବାର ସୁଦୃଢ଼ୀକରଣକୁ ଗୁରୁତ୍ୱ




ପ୍ରାଣୀ ଚିକିତ୍ସା ଦିବସରେ ମଞ୍ଚାସୀନ ଅତିଥି ବୃନ୍ଦ।

ସୋନପୁର,୩୦।୪(ନି.ପ୍ର.)

**ସୁବର୍ଣ୍ଣପୁରରେ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳିତ**

ସୁବର୍ଣ୍ଣପୁର ଜିଲା ପ୍ରାଣୀ ଚିକିତ୍ସା ବିଭାଗ ତରଫରୁ ଜିଲାସ୍ତରୀୟ ପ୍ରାଣୀ ଚିକିତ୍ସା ଦିବସ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ସକାଳେ ସୋନପୁର ବ୍ଲକର ଜନମୁରାଠାରେ ଗୃହ ପାଳିତ ପଶୁଙ୍କ ଦେୟମୁକ୍ତ ଟିକାକରଣ ଓ ପ୍ରାଣୀ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ସଦର ମହକୁମା ପ୍ରାଣୀ ଚିକିତ୍ସାଳୟର ଉପନିର୍ଦ୍ଦେଶକ ଡାକ୍ତର ରମେଶ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ପ୍ରାଣୀ ଚିକିତ୍ସକମାନେ ଆଖପାଖ ଅଞ୍ଚଳର ଶତାଧିକ ପ୍ରାଣୀ ମାନଙ୍କର ଚିକିତ୍ସା କରିବା ସହ ପ୍ରତିଷେଧକ ଟିକା ପ୍ରଦାନ କରିଥିଲେ। ପରେ ଜିଲା କୃଷି ବିଜ୍ଞାନ କେନ୍ଦ୍ର ସମ୍ମିଳନୀ କକ୍ଷଠାରେ ରାଜ୍ୟସ୍ତରୀୟ ପ୍ରାଣୀ ଚିକିତ୍ସା ସେବା ଦିବସ-୨୦୨୨ ପାଳନ କାର୍ଯ୍ୟକ୍ରମର ସିଧାପ୍ରସାରଣ ପ୍ରଦର୍ଶିତ ହୋଇଥିଲା। ଏଥିରେ ଜିଲାର ସମସ୍ତ ପ୍ରାଣୀ ଚିକିତ୍ସକ, ପ୍ରାଣୀ ଧନ ନିରୀକ୍ଷକ ଓ ସଫଳ ଗୋ ଚାଷୀ ଯୋଗଦାନ କରି ପ୍ରାଣୀ ଚିକିତ୍ସା ଦିବସର ମହତ୍ୱ ସମ୍ପର୍କରେ ଅବଗତ ହେବା ସହ ବିଭାଗୀୟ ମନ୍ତ୍ରୀ ଅରୁଣ ସାହୁ ଓ ବରିଷ୍ଠ ଅଧିକାରୀଙ୍କ ବାର୍ତ୍ତା ଶୁଣିଥିଲେ। ଦ୍ୱିତୀୟ ଅଧିବେଶନ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଅନନ୍ତ ପ୍ରସାଦ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା। ଜିଲାରେ ପ୍ରାଣୀ ଚିକିତ୍ସା ସେବାର ସୁଦୃଢ଼ୀକରଣ ଉପରେ ଅତିଥି ମାନେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ପ୍ରାଣୀପାଳନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ସଫଳ ଚାଷୀ ଭାବରେ ଅନ୍ୱେଷ ସାହୁ, ସଫଳ ଉଦ୍ୟୋଗୀ ଭାବେ ମା ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀକୁ ପୁରସ୍କୃତ କରାଯାଇଥିଲା। ସେହିପରି ବିଭିନ୍ନ ବିଭାଗୀୟ କାର୍ଯ୍ୟକ୍ରମର ସଫଳତା ପାଇଁ ଡାକ୍ତର ସ୍ୱାଗତିକା ମିଶ୍ର, ଡାକ୍ତର ନୃସିଂହ ଚରଣ ସାହୁ, ଡାକ୍ତର ସୁବ୍ରତ ପୁରୋହିତ, ଡାକ୍ତର ସନ୍ତୋଷ ସ୍ୱାଇଁ, ଡାକ୍ତର ଝସକେତନ ପଶାୟତ, ଡାକ୍ତର ଶ୍ୟାମଲାଲ ନାଗ, ସାରସମାଳର ସୁଷମା ମେହେର ଓ ଦିଲ୍ଲିପ ମହାକୁରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ରେଡକ୍ରସ ପାଣ୍ଠି ବୃଦ୍ଧି ଉପରେ ଗୁରୁତ୍ୱ

ବୌଦ୍ଧ,୩୦।୪(ସ୍ୱ.ପ୍ର.)

ବୌଦ୍ଧ ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ବିଶ୍ୱ ରେଡକ୍ରସ ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରେଡକ୍ରସ ପାଣ୍ଠି ବୃଦ୍ଧି ସକାଶେ ଯୋଜନା କରାଯିବା ସହିତ ପ୍ରତି ତିନି ମାସରେ ରେଡକ୍ରସ କମିଟି ବୈଠକ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ଜିଲାର ସମସ୍ତ ଅଧିକାରୀ ଅତି କମ୍‌ରେ ୧ ହଜାର ଟଙ୍କା ଦେଇ ରେଡକ୍ରସର ଆଜୀବନ ସଦସ୍ୟ ହେବାକୁ ଜିଲାପାଳ ମିଶ୍ର ଅନୁରୋଧ କରିଥିଲେ। ଆସନ୍ତା ୮ ତାରିଖ ବିଶ୍ୱ ରେଡକ୍ରସ ଦିବସ ଅବସରରେ ଏକ ଶୋଭାଯାତ୍ରା ଜିଲା ସଂଗ୍ରହାଳୟଠାରୁ ବାହାରି ବାଘଗୁଡା ଛକ, ଗାନ୍ଧୀଛକ ଏବଂ ଓ୍ୟାରଲେସ ଛକ ଦେଇ ପୁନର୍ବାର ସଂଗ୍ରହାଳୟ ପର୍ଯ୍ୟନ୍ତ ଆସିବ। ଏହି ଉପଲକ୍ଷେ ବିଭିନ୍ନ ବର୍ଗର ଛାତ୍ରୀଛାତ୍ରଙ୍କ ମଧ୍ୟରେ ୪ଟି ସ୍ତରରେ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ୫ ତାରିଖ ଦିନ ଅନୁଷ୍ଠିତ ହେବ । ଏହାର ଆୟୋଜନ ଦାୟିତ୍ୱ ଜିଲା ଶିକ୍ଷା ଅଧିକାରୀ ଡ. ଉଦୟନାଥ ମାଝିଙ୍କୁ ପ୍ରଦାନ କରାଯାଇଥିଲା। ଉକ୍ତ ଦିବସରେ ଏକ ରକ୍ତଦାନ ଶିବିର ଆୟୋଜନ ସହିତ ସ୍ୱଧାର ଗୃହ, କୁଷ୍ଠାଶ୍ରମ, ଗାଈଗୋଠ ପଡିଆ, ଝାଡରାଜିଙ୍ଗ ଜରାଶ୍ରମଠାରେ ଅସହାୟ ଲୋକଙ୍କୁ ରେଡକ୍ରସ ସାମଗ୍ରୀ ବଣ୍ଟନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସନ୍ଧ୍ୟାରେ ଜିଲା ସଂଗ୍ରହାଳୟଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବା ନେଇ ସ୍ଥିର ହୋଇଛି । ଏହି କାର୍ଯ୍ୟକ୍ରମରୁ ସଂଗୃହୀତ ପାଣ୍ଠି ଜିଲା ରେଡକ୍ରସକୁ ପ୍ରଦାନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରା, ଉପଜିଲାପାଳ ସନତ କୁମାର ନାଏକ, ଜିଲା ଶିକ୍ଷା ଅଧିକାରୀ ଡ.ଉଦୟନାଥ ମାଝୀ, ଡେପୁଟି କଲେକ୍ଟର ଅବନୀକାନ୍ତ ସାହୁ, ଯୁବ ରେଡକ୍ରସ ସଂପାଦକ ଅଧାପକ ପ୍ରବୀର କୁମାର ଦାସ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିୟାରସିଂହ ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରସ୍ତୁତି ବୈଠକରେ ଜିଲାପାଳ ଓ ପ୍ରଶାସନିକ ଅଧିକାରୀବୃନ୍ଦ।

**ବିଶ୍ୱ ରେଡ଼କ୍ରସ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ**

## ଢଳି ପଡିଛି ପୋଲ୍, ବିଦ୍ୟୁତ୍ ଯୋଗାଣ ବ୍ୟାହତ

ସରଣ୍ଡା,୩୦।୪(ଡି.ଏନ.ଏ)

ବରଗଡ ଜିଲା ଅତାବିରା ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ୍ କରାଯାଉଛି। ଅତାବିରା ଥାନା ପଛପଟ ଭୁଏପୁରା ଚାଷ ଜମି ଭିତରେ ୩୩ କେଭି ତାର ଯାଇଥିବା ୩ଟି ଖୁମ୍ବ ଢଳିପଡିଥିବାରୁ ଶନିବାର ୧୦ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ ହୋଇଥିଲା। ଅତାବିରା ଗ୍ରୀଡ୍ ଉପରେ ଏହି ବ୍ଲକର ୧, ୨, ୩ ନମ୍ବର ଜୋନର ଶତାଧିକ ଗ୍ରାମର ହଜାର ହଜାର ଉପଭୋକ୍ତା ନିର୍ଭର କରନ୍ତି। ବର୍ତ୍ତମାନ ପ୍ରବଳ ଗ୍ରୀଷ୍ମ ପ୍ରବାହ ହେଉଥିବା ବେଳେ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେଉଛନ୍ତି। ଏଭଳି ସମୟରେ ବିଦ୍ୟୁତ୍ କାଟ୍ କରାଯାଉଥିବାରୁ ସମସ୍ତଙ୍କୁ ଅସୁବିଧା ଭୋଗିବାକୁ ପଡୁଛି। ଏ ସମ୍ପର୍କରେ ଅତାବିରା ବିଦ୍ୟୁତ୍ ବିଭାଗ ସେକ୍ସନାଲ ଅଫିସ ସଞ୍ଜୀବ ନାଏକଙ୍କୁ ପଚାରିବାରୁ ସେ କହିଲେ, ଚାଷ କ୍ଷେତରେ ପୋଲ୍ (ଖମ୍ବ) ଗୁଡିକ ଯାଇଛି। ଚାଷୀମାନଙ୍କ ବିରୋଧ ଯୋଗୁ ସେଗୁଡିକୁ ଉଚିତ ଢଙ୍ଗରେ ସ୍ଥାପନ କରାଯାଇପାରୁନାହିଁ। ଫଳରେ ପୋଲ୍‌ଗୁଡିକ ବହୁ ବର୍ଷ ହେବ ଏଭଳି ରହିବାରୁ ଢଳିପଡିଛି ବୋଲି ସେ କହିଥିଲେ। ଏ ନେଇ ଅତାବିରା ଏସ୍‌ଡ଼ିଓ ବିଜୟ ବେହେରାଙ୍କୁ ପଚାରିବାରୁ ସେ କହିଲେ, ୩ଟି ଖମ୍ବ ଭାଙ୍ଗି ଯାଇଛି, ଏଯାଏଁ ୨ଟିର କାମ ସରିଛି। କେତେକ ଗ୍ରାମବାସୀଙ୍କ ବିରୋଧ ଯୋଗୁ ଏବଂ ଚାଷ ଜମି ଭିତରେ ଖମ୍ବ ଭାଙ୍ଗିଥିବାରୁ ସେଠାକୁ ସବୁ ଜିନିଷ ନେଇ କାମ କରିବାରେ ବିଳମ୍ବ ହେଉଛି । ଅନ୍ୟ ଅଞ୍ଚଳରୁ ବିଦ୍ୟୁତ୍ ଆଣି ଆମେ ପର୍ଯ୍ୟାୟ କ୍ରମେ ଅସ୍ଥାୟୀ ଭାବେ ବିତରଣ ଦେବାକୁ ଚେଷ୍ଟା କରୁଛୁ ବୋଲି ସେ ପ୍ରକାଶ କରିଥିଲେ ।

## ଅଜଣା ରୋଗରେ ପୀଡ଼ିତ, ଚିକିତ୍ସା ପାଇଁ ଅର୍ଥ ନାହିଁ

ଜାମଟିକ୍ରା,୩୦।୪(ଡି.ଏନ.ଏ)




ବରଗଡ ଜିଲା ଅତାବିରା ବ୍ଲକ ମନାପଡା ପଞ୍ଚାୟତ ଲୁରୁପାଲି ଗ୍ରାମର ମଳୟ ପଧାନ (୪୧) ବର୍ତ୍ତମାନ ଅଜଣା ରୋଗରେ ପୀଡିତ ହୋଇଛନ୍ତି। ଅଭାବ ଅନଟନ ଯୋଗୁ ତାଙ୍କର ଉପଯୁକ୍ତ ଚିକିତ୍ସା ହୋଇପାରୁନାହିଁ। ଫଳରେ ସେ ଭାଗ୍ୟକୁ ଆଦରି ଘରେ ପଡିରହିଛନ୍ତି।

ମଳୟ ଜଣେ ଶିକ୍ଷିତ ଏବଂ ସେ ଗୋଟିଏ ସଂସ୍ଥାରେ ସିକ୍ୟୁରିଟି ଗାର୍ଡ ହିସାବରେ କାମ କରୁଥିଲେ। ୨୦୨୧ ନଭେମ୍ବର ୫ରେ ରେଙ୍ଗାଲି କ୍ୟାମ୍ପରେ ଏକ ସଡ଼କ ଦୁର୍ଘଟଣାରେ ତାଙ୍କ ଡାହାଣ ଗୋଡ ଭାଙ୍ଗିଯାଇଥିଲା। ସେ ଆୟୁର୍ବେଦ ଚିକିତ୍ସା କରି ଭଲ ହୋଇଗଲେ। କିନ୍ତୁ ପରବର୍ତ୍ତୀ ସମୟରେ ତାଙ୍କୁ ଆଉ ଗୋଟିଏ ଅଜଣା ରୋଗ ମାଡି ବସିଲା। ତାଙ୍କ ପେଟରେ ମଇଳା ପାଣି ଜମି ରହିବାରୁ ଗତ ଜାନୁୟାରୀ ମାସରେ ତାଙ୍କର ଅସ୍ତ୍ରୋପଚାର କରି ମଳନଳୀ ବାହାର କରାଯାଇଥିଲା। ଅଭାବ ଯୋଗୁ ସେ ଔଷଧ ମଧ୍ୟ ଖାଇ ପାରୁନାହାନ୍ତି। ଆଉ ତିନିମାସ ପରେ ପୁଣି ଗୋଟିଏ ଅସ୍ତ୍ରୋପଚାର କରାଯିବ । କିନ୍ତୁ ତାଙ୍କ ପାଖରେ ଟଙ୍କା ନାହିଁ । ସରକାରୀ ସହାୟତା କହିଲେ ତାଙ୍କ ମା' ଜେମା ଦେଇ ପାଉଛନ୍ତି ମାସିକ ୫ଶହ ଟଙ୍କା ଓ ୧୦ କେଜି ଚାଉଳ। ଏହି ସହାୟତାରେ ମା' ପୁଅଙ୍କୁ ଚଳିବା କଷ୍ଟକର ହୋଇପଡୁଛି। ଯେଉଁ ଅଳ୍ପ ଜମି ଅଛି ତାହା ବନ୍ଧକ ପଡିଛି। ବର୍ଷା ଦିନେ ଘରେ ପାଣି ଗଳୁଛି। ଅତି ଦୟନୀୟ ଅବସ୍ଥାରେ ମା' ପୁଅ ଚଳୁଛନ୍ତି। ସରକାର କିମ୍ବା କୌଣସି ସହୃଦୟ ବ୍ୟକ୍ତି ସହଯୋଗ କଲେ ମଳୟଙ୍କ ଅସ୍ତ୍ରୋପଚାର ହୋଇ ସେ ପୂର୍ବ ଅବସ୍ଥାକୁ ଫେରିପାରିବେ ବୋଲି ଜେମା ଦେଇ ପ୍ରକାଶ କରିଛନ୍ତି।

## ଧାର୍ଯ୍ୟ ସମୟରେ ପ୍ରକଳ୍ପ କାମ ସାର

ସୋନପୁର, ୩୦।୪(ନି. ପ୍ର.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟିର ସମୀକ୍ଷା ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବାଣିଜ୍ୟ ପରିବହନ ଓ ଯୋଜନା ସଂଯୋଜନ ବିଭାଗ ମନ୍ତ୍ରୀ ତଥା ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ବୈଠକରେ ଅଧ୍ୟକ୍ଷତା କରିଥିଲେ । ବୈଠକରେ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବୀରମହାରାଜପୁର, ଉଲୁଣ୍ଡା, ବିନିକା ବ୍ଲକ ଓ ବିନିକା ଏନଏସି ଅଞ୍ଚଳରେ ବିଭିନ୍ନ ବିଭାଗ ତରଫରୁ କାର୍ଯ୍ୟକାରୀ ହେଉଥିବା ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରାଯାଇଥିଲା । କମିଟି ଆବାହକ ତଥା ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ବୈଠକର ଆଭିମୁଖ୍ୟ ସମ୍ବନ୍ଧରେ ଅବଗତ କରାଇଥିଲେ।

ମନ୍ତ୍ରୀ ବେହେରା ବିଭିନ୍ନ ବିଭାଗରେ ଚାଲିଥିବା ଉନ୍ନୟନ କାର୍ଯ୍ୟର ସମୀକ୍ଷା କରି ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଅନୁଦାନ ରାଶିର ଉପଯୋଗ କରି ପ୍ରକଳ୍ପଗୁଡିକର ଶୀଘ୍ର ଶେଷ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ବିଭିନ୍ନ ଜନହିତକର ଯୋଜନା ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ଜିଲାର ପ୍ରତ୍ୟେକ କାର୍ଯ୍ୟନିର୍ବାହୀ ବିଭାଗ ଅଧିକାରୀ ପରସ୍ପର ସହ ଯୋଗାଯୋଗ କରି କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ଗ୍ରାମାଞ୍ଚଳ ଓ ସହରାଞ୍ଚଳଗୁଡିକରେ ପିଇବା ପାଣି ଯୋଗାଣ ନିମନ୍ତେ ଆରଡବ୍ଲୁଏସଏସ ନିର୍ବାହୀ ଯନ୍ତ୍ରୀ ଏବଂ ପିଏଚଡି ସହକାରୀ ନିର୍ବାହୀଙ୍କୁ ମନ୍ତ୍ରୀ ବେହେରା ନିର୍ଦ୍ଦେଶ ଦେଇଥିଲେ। ପାନୀୟ ଜଳ ପ୍ରକଳ୍ପଗୁଡିକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ସହ ଆବଶ୍ୟକ ନଳକୂପ ଖନନ, ଜରୁରୀ ମୁତାବକ ପାନୀୟ ଜଳ ସଙ୍କଟ ଦେଖାଦେଉଥିବା ଅଞ୍ଚଳରେ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ ନିମନ୍ତେ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ନୂତନ ଉଠା ଜଳସେଚନ ପ୍ରକଳ୍ପଗୁଡିକର ଶୀଘ୍ର କାର୍ଯ୍ୟଶେଷ କରିବା ତଥା ଅଚଳ ପ୍ରକଳ୍ପଗୁଡିକ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟକ୍ଷମ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବିଦ୍ୟୁତ୍, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଉଦ୍ୟାନ କୃଷି, ନୂତନ ମେଗା ଜଳସେଚନ ପ୍ରକଳ୍ପ ନିର୍ମାଣ, ଗମନାଗମନ, ସାମାଜିକ ସୁରକ୍ଷା, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଓ ପଶୁପାଳନ, ଜଳ ଛାୟା ପ୍ରକଳ୍ପ ବିଭାଗ,ଜଙ୍ଗଲ ବିଭାଗର କାର୍ଯ୍ୟକାରିତା,ଗ୍ରାମ୍ୟ ଉନ୍ନୟନ ସଂସ୍ଥା ତରଫରୁ କାର୍ଯ୍ୟକାରୀ ବିଭିନ୍ନ ଜନକଲ୍ୟାଣ ଯୋଜନା ଅଗ୍ରଗତିର ସମୀକ୍ଷା କରାଯାଇଥିଲା । ବୈଠକରେ ସୋନପୁର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହେମନ୍ତ କୁମାର ପାଢ଼ୀ, ଉପ ଜିଲାପାଳ ନିହାର ରଞ୍ଜନ କହଁର, ବୀରମହାରାଜପୁର,ଉପଜିଲାପାଳ ଅଶୋକ ଭୋଇ, ଯୁଗ୍ମ ନିର୍ଦ୍ଦେଶକ ଯୋଜନା ଓ ପରିସଂଖ୍ୟାନ ସୁକାନ୍ତ କୁମାର ଜେନା, ବିଭିନ୍ନ ବିଭାଗର ପଦାଧିକାରୀ, ବ୍ଲକ ଅଧକ୍ଷା ଅଧକ୍ଷା, ବିନିକା ଏନଏସି ଅଧକ୍ଷ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ।



ସମୀକ୍ଷା ବୈଠକରେ ମନ୍ତ୍ରୀ ପଦ୍ମନାଭ ବେହେରା ଓ ଅଧିକାରୀମାନେ।

**ବୀରମହାରାଜପୁର ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟି ସମୀକ୍ଷା ବୈଠକ**

- ଗ୍ରାମାଞ୍ଚଳ ଓ ସହରାଞ୍ଚଳଗୁଡିକରେ ପିଇବା ପାଣି ଯୋଗାଣ ନିର୍ଦ୍ଦେଶ

